ଧରିତ୍ରୀ
DHARITRI
April 25- May 1, 2021 ₹ 2/-

# ଛୁଟିଦିନ

## ମଧୁ ସ୍ମୃତିରେ....



ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ କେବଳ ଓଡ଼ିଶା କଥା ହିଁ ଭାବୁଥିଲେ। ହେଲେ ତାଙ୍କ ଅବର୍ତ୍ତମାନରେ ସେ ଏବେ କେମିତି ଅଛନ୍ତି ଓଡ଼ିଶାବାସୀଙ୍କ ସ୍ମୃତୀରେ...

୩
ପ୍ରଚ୍ଛଦ ପ୍ରସଙ୍ଗ



୮/୯
ସିନେମା

୧୩
ସହରରୁ ଦୂର

# କେଉଁ ବୃକ୍ଷ କେତେ ଉପକାରୀ

**ପ୍ରକୃତି ସହ ଜଡ଼ିତ ପ୍ରତ୍ୟେକଟି ଜିନିଷକୁ ଈଶ୍ୱରଙ୍କର ଗୋଟିଏ ଗୋଟିଏ ସ୍ୱରୂପ ଭାବେ ବିବେଚନା କରାଯାଏ। ଯେମିତି କି ବୃକ୍ଷଲତା; ଏହା ବି ଅନେକ ସମୟରେ ସକାରାତ୍ମକ ଉର୍ଜା ଉତ୍ପନ୍ନ କରିଥାଏ...**

* ତୁଳସୀ ଗଛକୁ ପବିତ୍ରତାର ସ୍ୱରୂପ ବୋଲି କୁହାଯାଇଥାଏ। ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିବାରେ ଏହା ବେଶ୍ ସହାୟକ ହୋଇଥାଏ।
* ସେହିପରି ଘରେ କିମ୍ବା ଘର ନିକଟରେ ନିମ୍ବ ଗଛ ରହିବା ଶୁଭସୂଚକ ହୋଇଥାଏ। କାରଣ ଏହା ପଜିଟିଭ୍ ଏନର୍ଜି ପ୍ରଦାନ କରିଥାଏ।
* କୁହାଯାଏ, କଦଳୀ ଗଛର ଛାଇରେ ବସି ବିଦ୍ୟାର୍ଥୀ ପାଠ ପଢ଼ିଲେ ପାଠ ଶୀଘ୍ର ମନେ



ରହିଯାଏ। ଏହି ଗଛ ସ୍ମରଣ ଶକ୍ତିକୁ ବଢ଼ାଇଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ଅଗଣାରେ ଅଶ୍ୱତ୍ଥ ବୃକ୍ଷ ଲଗାଇବା ଆଦୌ ଉଚିତ ନୁହେଁ; ଏହାଦ୍ୱାରା ଘରେ ଧନର ଅଭାବ ଦେଖାଯାଇଥାଏ।
* ଯଦି ଭୁଲ୍‌ବଶତଃ ଘରେ ଏହି ଗଛ ଉଠି ଯାଇଛି, ତା'ହେଲେ ତାହାକୁ ଉପାଡ଼ି ନେଇ କୌଣସି ମନ୍ଦିର ପ୍ରାଙ୍ଗଣରେ ଲଗାଇ ପାରିବେ।
* କାକ୍‌ଟସ୍, ବାଉଁଶ କିମ୍ବା କୌଣସି କଣ୍ଟାଥିବା ଗଛକୁ ଘର ଅଗଣାରେ ଲଗାଇବା ଠିକ୍ ନୁହେଁ। କୁହାଯାଏ ଏହାଦ୍ୱାରା ଘରେ କଳହ ସୃଷ୍ଟି ହୋଇଥାଏ।
* ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ଅଗଣାରେ ଜାମୁକୋଳି ଓ ପିଜୁଳି ଗଛ ଛଡ଼ା ଅନ୍ୟ କୌଣସି ଫଳଗଛ ରହିବା ଠିକ୍ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

**ଏପ୍ରିଲ ୨୫-ମେ ୧**

**ମେଷ**
ଅସୁସ୍ଥତା ଦୂର ହେବ, ଖର୍ଚ୍ଚ ବଢ଼ିଯିବ, ଧୈର୍ଯ୍ୟଚ୍ୟୁତି ଘଟିବନି, ସଙ୍ଗୀତ-ଚଳଚ୍ଚିତ୍ରର ଆବୃତ୍ତି, ସାମାଜିକ ସମ୍ମାନ ଓ ପ୍ରଶଂସା, ରାଜନୈତିକ ସଫଳତା, ପ୍ରଶାସନିକ ସ୍ଥିରତା, ପବ୍ଲିକେଶନରେ ସମସ୍ୟା, ପାରିବାରିକ ପ୍ରତିବନ୍ଧକ, ବିବାଦୀୟ ପରିବେଶ।

**ବୃଷ**
ବୈଷୟିକ ସୁଖ-ସମୃଦ୍ଧି, ପଦସ୍ଥ କର୍ମଚାରୀଙ୍କ କୃପାଦୃଷ୍ଟି, କର୍ମକ୍ଷେତ୍ରରେ ମାନସିକ ଚାପ, ପାରିବାରିକ ସମସ୍ୟା, ପ୍ରିୟଜନଙ୍କ ମିଥ୍ୟାଭିଯୋଗ, ପରୋକ୍ଷ ଶତ୍ରୁତା, ଆର୍ଥିକ ଉନ୍ନତି, ରଚନାତ୍ମକ କାମ।

**ମିଥୁନ**
ସ୍ୱାସ୍ଥ୍ୟଗତ ବୈଷମ୍ୟ, ପ୍ରଗତିରେ ପ୍ରତିବନ୍ଧକ, ଯାନବାହନରେ ଯାନ୍ତ୍ରିକ ତ୍ରୁଟି, ବସ୍ତ୍ରଭୂଷଣାଦି କ୍ରୟ, ସଭାସମିତିକୁ ନିମନ୍ତ୍ରଣ, ଆତ୍ମୀୟଙ୍କ ସମାଲୋଚନା, ମାନସିକ ଅଶାନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଚାପ, ବିଶୃଙ୍ଖଳିତ କାର୍ଯ୍ୟ, ଶତ୍ରୁତାରୁ ସମ୍ପର୍କହାନି, ଅର୍ଥନୈତିକ ଅବରୋଧ, ନୂତନ ଉଦ୍ୟୋଗାରମ୍ଭ, ନିୟନ୍ତ୍ରିତ ପରିସ୍ଥିତି, ବାକ୍ ଅସଂଯମତାରୁ କଳହ, ବନ୍ଧୁଙ୍କ ପରଶ୍ରୀକାତରତା, ତୀର୍ଥାଟନର ସୁଯୋଗ।

**ସିଂହ**
ଦୈହିକ ସୁସ୍ଥତା, ଆର୍ଥିକ ଦୁରବସ୍ଥା, ପାରିବାରିକ ମତଭେଦ, ଭ୍ରାତୃ ସମ୍ପର୍କରେ ଉନ୍ନତି, ନିର୍ମାଣ କାର୍ଯ୍ୟରେ ଅଗ୍ରଗତି, ଶିକ୍ଷା ପରୀକ୍ଷାରେ ସନ୍ତୋଷ, ସାହିତ୍ୟାନୁରାଗ, ନୂତନ ବନ୍ଧୁସମ୍ପର୍କ, ଋଣଗ୍ରସ୍ତ ହୋଇପାରନ୍ତି।

**କନ୍ୟା**
ଅଗ୍ରଗତିର ପଥରୋଧ, ସନ୍ତାନଙ୍କ ପାଇଁ ଚିନ୍ତା, ଗବେଷଣାରେ ପ୍ରତିବନ୍ଧକ। ବିଦେଶ ଯାତ୍ରାର ସୁଯୋଗ, ଏଜେନ୍ସିପ୍ର ପ୍ରଚାରବୃଦ୍ଧି, ନୂତନ ପ୍ରକଳ୍ପାରମ୍ଭ, ଚୁକ୍ତି ସମ୍ପାଦନ, ଚାପଗ୍ରସ୍ତ ହେବେ।

**ତୁଳା**
ନୀଚଜନ ସହ ବିବାଦ, ଅର୍ଥନୈତିକ ଅଭିବୃଦ୍ଧି, କର୍ମ ସମ୍ପାଦନରେ ବିଫଳତା, ମନୋରଞ୍ଜନରେ ବିମୁଖତା, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟ, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ କର୍ମାରମ୍ଭ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଜମିଜମା ବିବାଦ।

**ବିଛା**
ଶାରୀରିକ ସୁସ୍ଥତା, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନ କର୍ମଚାରୀଙ୍କ ଅନୁରକ୍ତି, ବୈପ୍ଳବିକ ଚିନ୍ତାଧାରା, ପ୍ରତିଯୋଗିତାରେ ସଫଳତା, ସେବା ମନୋଭାବରୁ ପ୍ରଶଂସା, ଧାର୍ମିକ ଚିନ୍ତାଧାରା ପୋଷଣ।

**ଧନୁ**
ନିଜ ଦୋଷରୁ କର୍ମହାନି, ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା, ପରିବାରରେ ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତାଚେତନା, ବୁଦ୍ଧିଜୀବୀଙ୍କ ପରାମର୍ଶ, ସ୍ନାୟବିକ ଦୁର୍ବଳତା।

**ମକର**
ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ ଯୋଜନାରମ୍ଭ, ବ୍ୟବସାୟରେ ପ୍ରତିଯୋଗିତା, ଦୂରଯାତ୍ରାର ମସୁଧା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, କଚେରି ମାମଲାରେ ବାଇଦା, ବିଳମ୍ବିତ ପ୍ରକାଶନ, ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ଜମିଜମା କ୍ରୟବିକ୍ରୟ।

**କୁମ୍ଭ**
ମାନସିକ ସନ୍ତୁଳନ ହରାଇବେ, ଅପରିଣାମଦର୍ଶିତାର କୁଫଳ, ବିବାଦର ଫଇସଲା, ଆର୍ଥିକ ପ୍ରଗତିରୁ ଆତ୍ମତୃପ୍ତି, ନୂତନଗୃହାରମ୍ଭ ଯୋଜନା, ସରକାରୀ ସହାୟତା, ନୂତନ ପ୍ରକାଶନରୁ ପ୍ରଶଂସା, ପୂର୍ବ ପରିକଳ୍ପିତ କାର୍ଯ୍ୟାରମ୍ଭ।

**ମୀନ**
ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାମାଜିକ ସମ୍ମାନପ୍ରାପ୍ତି, ରାଜନୈତିକ ପୃଷ୍ଠପୋଷକତା, ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ବନ୍ଧୁସମ୍ପର୍କ ହ୍ରାସ, ସଭାସମିତିରେ ସମ୍ବର୍ଦ୍ଧନା, ସତ୍‌ସଙ୍ଗରୁ ଶାନ୍ତି, ପାରିବାରିକ ସୌହାର୍ଦ୍ଦ୍ୟ, ଯାତ୍ରାରେ ସଫଳତା।

# କାକୁଡି ଜୁସ୍‌ର ଫାଇଦା

**କା**କୁଡ଼ିକୁ ଅନେକେ ସାଲାଡ୍ କରି ଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହାକୁ ଗ୍ରାଇଣ୍ଡିଂ କରି ଏହାର ଜୁସ୍ ପିଇଲେ ବି ଶରୀରକୁ ଅନେକ ଫାଇଦା ମିଳିଥାଏ। ଏପରି କି ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପିଇବାକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ତାକୁ ନ ପିଇ ଯଦି ନିୟମିତ କାକୁଡି ଜୁସ୍ ପିଅନ୍ତି, ତା'ହେଲେ ସେମାନଙ୍କ ମନ, ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ଭଲ ରହିଥାଏ। ତା'ଛଡ଼ା ଯେଉଁମାନେ ଓଜନ କମାଇବା ପାଇଁ ଡାଇଟିଂ କରୁଛନ୍ତି, ସେମାନେ ତାଙ୍କ ଡାଏଟ୍ ଚାର୍ଟରେ କାକୁଡି ଜୁସ୍‌କୁ ସାମିଲ କଲେ ଦୁଇଗୁଣା ଫାଇଦା ମିଳିଥାଏ। ଏହି ଜୁସ୍‌ରେ ପ୍ରଚୁର ମାତ୍ରାରେ ଭିଟାମିନ୍ ବି, ପୋଟାସିୟମ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହୁଥିବାରୁ ଚେହେରାକୁ ଉଜ୍ଜ୍ୱଳତା ପ୍ରଦାନ କରିବା ସହ ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ସେହିପରି କ୍ୟାନ୍‌ସର୍ ସହ ଲଢ଼ିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା, ଶରୀରର ଅସ୍ଥିଗୁଡ଼ିକୁ ମଜଭୁତ୍ କରିବା, ପାଚନ କ୍ରିୟାକୁ ସକ୍ରିୟ କରିବା ତଥା ମୁଖର ଦୁର୍ଗନ୍ଧକୁ ଦୂର କରିବାରେ ବି କାକୁଡି ଜୁସ୍ ବହୁତ ଉପକାରୀ ହୋଇଥାଏ।



# ପାଠକୀୟ

➤କଥା ସିନା କହିପାରନ୍ତିନି, ହେଲେ ବେଶ୍ ବୁଝନ୍ତି ଭଲପାଇବା ଆଉ ବିଶ୍ୱାସର ଭାଷା। ତାଙ୍କ ଦୁନିଆରେ କୃତଘ୍ନ ଶବ୍ଦ ହିଁ ନାହିଁ। ଭଲ ପାଇବାରେ ବନ୍ଧା ସେମାନେ, ଯିଏ ତାଙ୍କୁ ଆଦରରେ ଆଉଁସି ଦିଏ ତା' ପାଇଁ ସେମାନେ ଜୀବନ ବି ଦେଇପାରନ୍ତି। ଏଠାରେ କୁହାଯାଉଛି ସେମିତି କିଛି ପଶୁପକ୍ଷୀଙ୍କ ସମ୍ପର୍କରେ, ଯେଉଁମାନେ କି ଭଲପାଇବାରେ ବାନ୍ଧିହୋଇ ସେମାନଙ୍କ ମାଲିକ ଓ ମାଲିକାଣୀର ପାଲଟିଯାଇଛନ୍ତି ଅତି ଆଦରର ପ୍ରାଣୀ। ଖାସ୍ ସେହିମାନଙ୍କର କାହାଣୀକୁ ନେଇ ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗଟି ଅତି ସୁନ୍ଦର ହୋଇଥିଲା। 'ଘରେ ଶାନ୍ତି ରହିବା ପାଇଁ' କ'ଣ ସବୁ ବାସ୍ତୁ ଟିପ୍ସ ରହିଛି ତାହା ମଧ୍ୟ ଛୁଟିଦିନରୁ ପଢ଼ି ଖୁସି ଲାଗିଲା।

*-ଛବିନା ରଥ, ପଟିଆ, ଭୁବନେଶ୍ୱର*

➤ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସମ୍ପର୍କ ଭଲପାଇବାର' ଏକ ନିଆରା ଆଲେଖ୍ୟ ଥିଲା। 'ବିଷାକ୍ତ ଛତୁ' ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'ନାଟ୍ୟକାର ହେମେନ୍ଦ୍ର'ଙ୍କ ସମ୍ପର୍କରେ ବହୁ ଜଣାଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ୱାମୀ ନିବୃତ୍ତାନନ୍ଦଙ୍କ ଭିତିରି କଥା' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ପୁନଃ ପୁନର୍ଜନ୍ମ', 'ସେ..' ନାମକ କବିତା ଦୁଇଟି ବି ଖୁବ୍ ମନଛୁଆଁ ଥିଲା। ସିନେମା ପୃଷ୍ଠା ମଧ୍ୟ ଆକର୍ଷଣୀୟ ଲାଗୁଥିଲା।

*-ଶଶାଙ୍କ ମୁଦୁଲି, ସିଡିଏ, କଟକ*

➤ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଗୀତିକାର, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ ମହେଶ୍ୱର ଜେନାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋତେ ଖୁବ୍ ଭଲ ଲାଗିଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସମର୍ ଫ୍ୟାଶନ' ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ସ୍ୱିଟି ବେଶ୍ ସୁନ୍ଦରୀ ଲାଗୁଥିଲେ।

*-ରାଜଶ୍ରୀ ମହାନ୍ତି, ରେଲୱେ କଲୋନୀ, ପୁରୀ*

➤ସହର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସିକିମ୍' ସମ୍ପର୍କରେ ବହୁ ଜଣାଅଜଣା କଥା ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଜିଭରେ ଅଟକାନ୍ତି ଚଳନ୍ତା ଫ୍ୟାନ୍' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ବିଷୟ ଥିଲା। 'ଫୁଡ୍ ଥିମ୍ ଇୟରିଂ' ପାଠଟି ବି ଏକ ଅଜବ ଆଲେଖ୍ୟ ଥିଲା।

*-ରଶ୍ମିରେଖା ସୁବୁଦ୍ଧି, ଯାଜପୁର*

➤ମୋତେ ଛୁଟିଦିନ ପଢ଼ିବାକୁ ବହୁତ ଭଲ ଲାଗେ। ଖାସ୍ କରି ଏହାର ସିନେମା ଓ ବ୍ୟାକ୍‌ପେଜ୍ ପୃଷ୍ଠାଟି ମୋର ଅତି ପ୍ରିୟ। ତା'ଛଡ଼ା ପ୍ରତିଥରର ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତି ବି ବେଶ୍ ନିଆରା ଲାଗିଥାଏ ପଢ଼ିବାକୁ। ସେହିପରି ପ୍ରତ୍ୟେକ ଥର ପ୍ରକାଶ ପାଉଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ ବି ଅନେକ କିଛି ଶିଖାଇଥାଏ।

*-ଝୁନୁ ବେହେରା, କୋରାପୁଟ*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦ ପ୍ରସଙ୍ଗ
'ସମ୍ପର୍କ ଭଲପାଇବାର'
ଲାଗୁଥିଲା ଭାରି ନିଆରା।
ସେହିପରି ସାଥୀର ଉତ୍ତର
ଓ ପ୍ରଥମ ରୋଜଗାର
ଦେଉଥିଲା ବାର୍ତ୍ତା ଦୁନିଆର।
ଭାରି ଭଲଲାଗେ ତୁମ ସହରଠୁ ଦୂର
ଆଉ ହାଃ ହାଃ ଓ କାର୍ଟୁନ କର୍ନର
ସେଥିପାଇଁ ଛୁଟିଦିନ ତୁମେ ସବୁବେଳେ
ସୁପର୍।

*-ଭାଗ୍ୟଶ୍ରୀ ତ୍ରିପାଠୀ,*
*ହରେକୃଷ୍ଣପୁର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ମଧୁ ସ୍ମୃତିରେ....





**ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ କେବଳ ଓଡ଼ିଶା କଥା ହିଁ ଭାବୁଥିଲେ। ହେଲେ ତାଙ୍କ ଅବର୍ତ୍ତମାନରେ ସେ ଏବେ କେମିତି ଅଛନ୍ତି ଓଡ଼ିଶାବାସୀଙ୍କ ସ୍ମୃତୀରେ...**

'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି ।' ଏହି ଲୋକକଥାଟି ମଧୁବାବୁଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରତ୍ୟେକ ଓଡ଼ିଆଙ୍କ ମନଙ୍କୁ ଆହ୍ୱାନ କରେ। ଭବିଷ୍ୟତ ଗଢ଼ିବାରେ ପ୍ରେରଣା ଦିଏ। ପୁଣି- 'ତୁମପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ । ଚେହେରାଟି ତାର ଡଉଲଡାଉଲ ବୁଦ୍ଧିରେ ତା'ର ସରି କିଏ। ବଡ଼ହେଲା ଦିନେ ସେହି ପିଲା ମଧୁବାରିଷ୍ଟର ବୋଲାଇଲା। ଦେଶ ପାଇଁ କେତେ କାମକରି ସିଏ କାଳେ କାଳେ ଯଶ ରଖିଗଲା।'





ପଦ୍ୟାଂଶଟି ମନେପକାଇଦିଏ ମଧୁବାବୁଙ୍କ ପିଲାଦିନ, ଗାଁଚାଟଶାଳୀ, ଗାଁ ମାଟିର ପାଣି ପବନ ଓ ଦେଶ ଜାତିର ସୁରକ୍ଷା ନିମନ୍ତେ ଭଲକାମ କରିବାର ମହତ ପଣିଆକୁ। ତେବେ ବହୁ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ବାରିଷ୍ଟର, ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା, ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ସ୍ୱାଭିମାନୀ ପୁରୁଷ ଉତ୍କଳଗୌରବ ମଧୁସୂଦନ ଦାସଙ୍କ- ତ୍ୟାଗ, ସେବା, ପରୋପକାର ଓ ଦେଶପ୍ରେମ ଯୁଗଯୁଗ ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାଏ। କିନ୍ତୁ ପ୍ରତିବର୍ଷ ଏପ୍ରିଲ ୨୮ତାରିଖ ପାଖେଇ ଆସିଲେ ବିଶେଷକରି ଓଡ଼ିଶାବାସୀ ମନେପକାଇଥାନ୍ତି ମଧୁବାବୁଙ୍କୁ। ତେବେ କିପରି ରହିଛି ତାଙ୍କର ଜନ୍ମପୀଠ ଏବଂ କର୍ମଭୂମିର ସ୍ମୃତି-ସ୍ମାରକୀ, କେମିତି ପାଳନ ହୁଏ ମଧୁ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ। ସେ ସମ୍ପର୍କରେ ହୁଏତ ଅନେକେ ଊଣା ଅଧିକେ ଜାଣିଥିବେ।

**ଯିବେ ଯଦି ମଧୁପୀଠ:** ଚୈତ୍ର ମାସର ଶେଷ ରବିବାର। ଅପରାହ୍ଣ ସମୟ। କଟକ ବାଦାମବାଡ଼ିରୁ ପ୍ରାୟ ୬କିମି ଦୂର ଜଗତପୁର। ପୁଣି ଏଠାରୁ ପ୍ରାୟ ୧୦ କିମିଦୂର – ପାଗ ଛକ(ମଧୁବଜାର)। ଏଇଠୁ ଗୋପୀନାଥପୁର ରାସ୍ତାରେ ପ୍ରାୟ ୩ କିମି ଆସିବା ପରେ, ରାସ୍ତାର ବାମକଡ଼ରେ ରହିଥିବା ପୂର୍ତ୍ତବିଭାଗର ଏକ ଫଳକ ମଧୁସ୍ମୃତି ତୋରଣ ଆଡ଼କୁ ସୂଚିତ କରୁଥିବାର ନଜର ପଡ଼ିଲା। ଆଉ ମାତ୍ର ଅଳ୍ପ ଦୂର ହେବ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠ ଐତିହ୍ୟ ସମ୍ପନ୍ନ ସତ୍ୟଭାମାପୁର। ସ୍ଥାନୀୟ ଲୋକଙ୍କଠାରୁ ଶୁଣିଲୁ ଏହି ପବିତ୍ର ପୀଠ ପରିସର ହିଁ ସ୍ୱାଭିମାନୀ ମହାପୁରୁଷଙ୍କ ଅନ୍ତୁଡ଼ିଶାଳ । ଜନ୍ମପୀଠର ପ୍ରବେଶପଥରେ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବାର ଦେଖିଲୁ । ଏଥର ଅଭିଳଷିତ ପୁଣ୍ୟଭୂମି ପରିସରକୁ ଯିବାପୂର୍ବରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ପ୍ରଣାମକରି ପୀଠଭିତରକୁ ଯାଇଥିଲୁ। ପୀଠ ପରିସରରେ ଥିବା ରସ ପୋଖରୀର ଦକ୍ଷିଣରେ ଏବେ ୩ଟି ଗୃହବିଶିଷ୍ଟ ମଧୁସୂଦନ ସଂଗ୍ରହାଳୟଟିଏ ନିର୍ମାଣ ହୋଇଥିବା ଜାଣିଲୁ। ପୋଖରୀ ସମ୍ମୁଖରେ ଦି'ତାଲା ବିଶିଷ୍ଟ ପୁରୁଣା କୋଠାଘର। ନିକଟରେ ରହିଛି ନୂଆଣିଆ ଚାଳଛପର ଘର। କାନ୍ଥରେ ପକାଯାଇଛି ଓଡ଼ିଆଘରର ପାରମ୍ପରିକ ଝୋଟି ଚିତା। ଏହି ଚାଳଘର ପାଖରେ ଥିବା ଏକ ମଣ୍ଡପରେ ଗାନ୍ଧିଜୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା ହୋଇଛି। ଏଠାରେ ରହୁଥିବା କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକୀ ଟ୍ରଷ୍ଟ (ଉତ୍କଳଶାଖା)ର ସଂପାଦିକା ସନ୍ଧ୍ୟାରାଣୀ ମଲିକ କୁହନ୍ତି- ଏହି ପୀଠ ପରିସରରେ ମଧୁବାବୁଙ୍କ ନାମରେ ଏକ ମଣ୍ଡପ, ରସ ପୋଖରୀ, ପାଠାଗାର, ମ୍ୟୁଜିୟମ୍, ଶିଶୁ ଉଦ୍ୟାନ ଆଦି ରହିଛି। ଏଠାକୁ ଆସିଥିବା ଗୋପୀନାଥପୁର ଗାଁର ବିଶ୍ୱରଂଜନ ସାହୁ କୁହନ୍ତି- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର ସାରାଦେଶରେ ଖୁବ୍ ପରିଚିତ ଗାଁଟିଏ, ଖାସ୍ ମଧୁବାବୁଙ୍କ ପାଇଁ । କିନ୍ତୁ ଏହି ପବିତ୍ର ସ୍ଥାନ ଅଧିକ ଆକର୍ଷଣୀୟ ହେବା ଉଚିତ। ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତ କୁହନ୍ତି, 'ଆମ ଗାଁର ପ୍ରାୟ ପାଞ୍ଚଟି ସାହି। ଲୋକସଂଖ୍ୟା ୩ହଜାର ହେବ, ଅଧିକାଂଶ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ ମଧୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗ୍ରାମବାସୀ ପ୍ରଥମେ ନିଜସ୍ୱ ଉଦ୍ୟମରେ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରୁଥିଲେ। ସମୟକ୍ରମେ ଗାଁର ମଧୁସ୍ମୃତି କମିଟି ଜରିଆରେ ରାଜ୍ୟସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ତାଙ୍କର ଦିବସକୁ ପାଳନ କରାଯାଉଛି। ଗାଁରେ ଥିବା ମଧୁସୂଦନ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ ମଧୁବାବୁଙ୍କୁ ମନେପକାଇ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ କରିଥାନ୍ତି, ଏଥିରେ ବିଶେଷକରି ଯୁବକମାନେ ଭାଗନେଇଥାନ୍ତି। ଜନ୍ମପୀଠ ପରିସରରେ ମଧୁବାବୁଙ୍କ ଅନ୍ତୁଡ଼ିଶାଳ, ପୁରୁଣାଢିଙ୍କି, କେତେକ ବ୍ୟବହାରିକ ସାମଗ୍ରୀ ଫଟୋଚିତ୍ର ସାଇତା ହୋଇ ରହିଛି । କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକୀ ଟ୍ରଷ୍ଟ କନ୍ୟାଶ୍ରମ ଚାଲୁଅଛି। ପ୍ରଶାନ୍ତ କୁମାର ଭୂୟାଁ କୁହନ୍ତି, ସତ୍ୟଭାମାପୁରକୁ ୨୦୧୭ରେ ନୂତନ ଗ୍ରାମପଞ୍ଚାୟତର ମାନ୍ୟତା ମିଳିଛି। କିନ୍ତୁ ମଧୁବାବୁଙ୍କ ଚାଟଶାଳୀ ଯାହା ପରବର୍ତ୍ତୀ ୧୯୦୯ ମସିହାରେ ମହାସିଂହପୁର ହାଇସ୍କୁଲ ନାମରେ ସ୍ଥାପିତ ହୋଇଥିଲା। ଏହି ଶିକ୍ଷାନୁଷ୍ଠାନର ବିଶେଷ ଉନ୍ନତି ହୋଇପାରି ନାହିଁ। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ତରଫରୁ ଏହି ପବିତ୍ର ପୀଠକୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ ପାଇଁ କେତେକ କାର୍ଯ୍ୟ କରାଯାଇଛି। ଏଥିସହିତ କଟକ-ଚାନ୍ଦବାଲି ରାସ୍ତାକୁ ମଧୁସୂଦନ ରାଜପଥ ନାମରେ ନାମିତ କରାଗଲେ ପୂଜ୍ୟପୂଜାର ଆଉଏକ ପରିଚୟ ଯୋଡ଼ି ହୋଇପାରିବ।









**କଟକ ମଧୁସ୍ମୃତି ସଂଗ୍ରହାଳୟ** –କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ରହିଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସଂଗ୍ରହାଳୟ ; ଯାହା କି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହି ସଂଗ୍ରହାଳୟର ତତ୍ତ୍ୱାବଧାରକ ଜ୍ୟୋତିପ୍ରକାଶ ଦାସ କୁହନ୍ତି– ଏହି ମହାବିଦ୍ୟାଳୟର ପରିସରଭୁକ୍ତ ଗୋଟିଏ କୋଠାରେ ୨୦୦୭ ମସିହା ଏପ୍ରିଲ ୨୮ରେ ମଧୁସୂଦନ ସଂଗ୍ରହାଳୟ ପ୍ରତିଷ୍ଠା ହୋଇଛି। ଏଠାରେ ମଧୁବାବୁଙ୍କ ଦ୍ୱାରା ବ୍ୟବହୃତ ବହୁ ଦୁର୍ମୂଲ୍ୟ ସାମଗ୍ରୀ ଯଥା– ବହି, ଚିଠିପତ୍ର, ବନ୍ଧୁକ, ଜୋତା, ଶିଙ୍ଗ କାରୁକାର୍ଯ୍ୟ, ଚେୟାର, ଖଟ, ଛତା, ଫଟୋଚିତ୍ର ଇତ୍ୟାଦି ଆସବାବପତ୍ର ସାଇତା ହୋଇ ରହିଛି। ଏହି ସଂଗ୍ରହାଳୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମଧୁବାବୁଙ୍କ ଅନେକ ବିରଳ ଦସ୍ତାବିଜକୁ ଦେଖିବା ସହିତ ମଧୁବାବୁଙ୍କ ବିଷୟରେ ବହୁ ଜଣାଅଜଣା କଥା ବୁଝି ଜାଣିହେବ। ଏଥିପାଇଁ ପର୍ଯ୍ୟଟକଙ୍କୁ କୌଣସି ଦେୟ ଦେବାକୁ ପଡେ ନାହିଁ।

**ମଧୁବାବୁଙ୍କ ଜୀବନୀରୁ ପ୍ରେରଣା ମିଳୁଛି–** ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କରି ମାର୍ଗଦର୍ଶନରେ କାମ କରିବା ପାଇଁ ଶପଥ ନେଇଥିଲେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଉତ୍କଳ ସମ୍ମିଳନୀର ସଭାପତି ଦିଲ୍ଲୀପ ଦାଶ ଶର୍ମା। ସେ କୁହନ୍ତି, 'ସ୍କୁଲ ସମୟରେ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଏକ ରଚନା ଲେଖିବା ପାଇଁ କୁହାଯାଇଥିଲା। ଆଗରୁ ତାଙ୍କ ବିଷୟରେ କେତେକ ପୁସ୍ତକ ପଢିଥିଲି। ସେବେଠାରୁ ଉତ୍କଳ ଗୌରବଙ୍କୁ ଭଲପାଉଛି। ପରେ ଆଇନ ଛାତ୍ର ହୋଇଥିବାରୁ ମଧୁବାବୁଙ୍କ ବିଷୟରେ ଅଧିକ ଜାଣିବାକୁ ମିଳିଲା ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ସେବା ପାଇଁ ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟଭାବେ ଯୋଗ ଦେଲି। ୨୦୦୪ମସିହାରେ ଛତିଶଗଡରେ ଓଡ଼ିଆ ଲିପିଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ଅନ୍ୟମାନଙ୍କ ସହିତ ଯାଇଥାଏ । ସେଠାରେ ଓଡ଼ିଆ ପଢ଼ାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କେତେକ ଉପକରଣ ସହିତ ମଧୁ ବର୍ଣ୍ଣବୋଧ ପୁସ୍ତକ ଦିଆଯାଉ ଥାଏ । ମାତ୍ର ସେଠାରୁ ଫେରିବା ସମୟରେ ମଧୁ ବର୍ଣ୍ଣବୋଧ ପୁସ୍ତକ ଖୋଲି ପଢୁଥିଲି । ଏହି ବହିରେ ଶେଷଆଡ଼କୁ ମଧୁବାବୁଙ୍କ ବିଷୟରେ ଅଳ୍ପ କିଛି ଧାଡ଼ିରେ ଲେଖା ସହିତ ଫଟୋ ରହିଥାଏ। ଛତିଶଗଡ଼ରୁ ଫେରିବା ପରେ ମଧୁ ବର୍ଣ୍ଣବୋଧ ପୁସ୍ତକରୁ ଏହି ଲେଖା ପରିବର୍ତ୍ତନ କରିବାକୁ ଚାହିଁ କିଛି ନ ହେବାରୁ ଖବର କାଗଜରେ ପ୍ରାପ୍ତ ପତ୍ରରେ ଲେଖିଲି– 'ମଧୁ ବର୍ଣ୍ଣବୋଧରେ ମଧୁବାବୁ ଲଜ୍ଜିତ' । ଏହା ପରେ ପୁସ୍ତକର ପ୍ରକାଶକ ଏହା ପରିବର୍ତ୍ତନ କଲେ। ଆଉ ଏକ ଘଟଣା – ବାଣୀ ବିହାର ପରିସରରେ ବିଭିନ୍ନ ଛାତ୍ରାବାସ ସମ୍ମୁଖରେ କେତେକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରହିଥାଏ, ମାତ୍ର ସେତେବେଳେ ମଧୁସୂଦନ ଛାତ୍ରାବାସ ସମ୍ମୁଖରେ କେବଳ ଖୋଲା ପଡିଆ ରହିଥିଲା । କିପରି ଛାତ୍ରାବାସ ସମ୍ମୁଖରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇପାରିବ ଏହି ସନ୍ଧାନରେ ଡ. ଗୋପାଳକୃଷ୍ଣ ପଣ୍ଡା (ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ଓ ମଧୁସୂଦନ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ)ଙ୍କୁ ସାକ୍ଷାତ କରି ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲି । ପରେ ଉତ୍କଳ ସମ୍ମିଳନୀ ସଭାପତି ବସନ୍ତ କୁମାର ପାଣିଗ୍ରାହୀ ସେହି ବର୍ଷ ମଧୁ ଜୟନ୍ତୀରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ୨୦୦୫ ମସିହାର କଥା । ବସନ୍ତ କୁମାର ପାଣିଗ୍ରାହୀ ମୋତେ ଦିନେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟକୁ ଡାକି କହିଲେ, ଉତ୍କଳ ସମ୍ମିଳନୀର କାର୍ଯ୍ୟ ଆମ ବ୍ରହ୍ମପୁରରେ ଭଲ ଚାଲୁଛି । ଅନ୍ୟ ସ୍ଥାନରେ ଥିବା ଶାଖା ଭଲ କାମ କରୁଛି । ମାତ୍ର ଭୁବନେଶ୍ୱର ରାଜ୍ୟର ରାଜଧାନୀ, ଏଠାରେ ତୁମେ କିଛି କର। ଏମିତିରେ ତା୧।୪।୨୦୦୬ରିଖ ପବିତ୍ର ଉତ୍କଳ ଦିବସରୁ ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ନାମରେ ଏକ ଶାଖା ଗଠନ କରାଗଲା । ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ଓ ତତ୍କାଳୀନ କେନ୍ଦ୍ରୀୟ ସଭାପତି ବସନ୍ତ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବର୍ତ୍ତମାନର ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ପ୍ରାକ୍ତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ । ଗତ ୧୫ବର୍ଷ ହେଲା ଏହି ଅନୁଷ୍ଠାନ ମାଧ୍ୟମରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନର ଓଡ଼ିଶା ପାଇଁ କିଛି କାର୍ଯ୍ୟକ୍ରମ ଚାଲିଛି। ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ପ୍ରତିଭାମାନଙ୍କୁ ଉତ୍କଳ ଗୌରବ ମଧୁସୂଦନ ଓ ବୀର ସୁରେନ୍ଦ୍ର ସାଏଙ୍କ ସମ୍ମାନରେ ସମ୍ମାନିତ କରାଯାଉଛି । ପ୍ରତି ବର୍ଷ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଆ ଅଲିମ୍ପିକ ପରୀକ୍ଷା କରାଯାଉଛି । ମଧୁବାବୁଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ତାରିଖ ଓ ତିଥି ଅନୁସାରେ ଜନ୍ମ ଓ ଶ୍ରାଦ୍ଧ

## ଉତ୍କଳଗୌରବ ମଧୁସୂଦନ ଦାସ

କଟକ ଜିଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ଏପ୍ରିଲ ୨୮ତାରିଖରେ ମଧୁସୂଦନ ଦାସ ଜନ୍ମ ଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ, ମାତା ପାର୍ବତୀ ଦେବୀ। ସେ ଥିଲେ ଦୁଇଭାଇ ଗୋବିନ୍ଦ ବଲ୍ଲଭ ଏବଂ ଗୋପାଳ ବଲ୍ଲଭ। ଗୋବିନ୍ଦ ବଲ୍ଲଭ ପରବର୍ତ୍ତୀ ପର୍ଯ୍ୟାୟରେ ବାରିଷ୍ଟର ମଧୁସୂଦନ ଦାସ ଏବଂ ଓଡ଼ିଆର ପ୍ରତି ହୃଦୟର ଉତ୍କଳ ଗୌରବ ମଧୁବାବୁ ରୂପେ ପରିଚିତ ହୋଇଥିଲେ। ପିଲାଟି ଦିନରୁ ବାଲ୍ୟଶିକ୍ଷା ମାଟିବଂଶ ଅବଧାନଙ୍କ ପାଖରେ ଆରମ୍ଭ କରିଥିଲେ। ସ୍ଥାନୀୟ ମହାସିଂହପୁର ମେଟ୍‌କାଫ୍ ସ୍କୁଲଶିକ୍ଷା ସମାପ୍ତି ପରେ ସେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଥିଲେ। ୧୮୬୪ରେ ମାଟ୍ରିକ୍ ପାଶ୍, ୧୮୬୮ରେ ଏଫ୍.ଏ.ଆଇ.ଏ. ପାସ୍, ୧୮୭୦ରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ଭାବେ କଲିକତାରୁ ବି.ଏ., ୧୮୭୩ରୁ ପ୍ରଥମ ଓଡ଼ିଆ ଭାବେ କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏ., ୧୮୭୮ରେ ବି.ଏଲ୍. ଆଇନ୍ ପାଶ୍ ଓ ପ୍ରଥମ ଓଡ଼ିଆ ଓକିଲ, କିନ୍ତୁ ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାକରି ଓଡ଼ିଆ ଭାଷା, ସଂସ୍କୃତି ଓ ଜାତିର ଉନ୍ନତି କରିଥିଲେ। ଦେଶ ଜାତିର ଉନ୍ନତି ପାଇଁ ତାଙ୍କର ଅନେକ ଲେଖାରେ ଆହ୍ୱାନ ଦେଇଥାନ୍ତି।୧୯୦୪ରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ। ୧୯୧୩ରେ ବିହାର ଓଡ଼ିଶା ବିଧାନସଭାକୁ ସେ ନିର୍ବାଚିତ ହୋଇଥିଲେ। ୧୯୩୪ ଫେବୃୟାରୀ ୪ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା। ସମୟ କ୍ରମେ ମଧୁବାବୁଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ତାଙ୍କର ଝିଆରୀ ରମା ଦେବୀ କସ୍ତୁରବା ସ୍ମାରକନିଧି ଟ୍ରଷ୍ଟ ହାତରେ ଅର୍ପଣ କରିଦେଇଥିଲେ।



# ମୃତ୍ୟୁ ମିତ୍ରର ଚିଠି

ପାଠକେ, ଜଗତରେ ଯଦି ସତ୍ୟ ବୋଲି କ'ଣ କିଛି ଥାଏ ତେବେ ତାହା ହେଉଛି ଦୁଇଟି-ଜନ୍ମ ଆଉ ମୃତ୍ୟୁ। ଆଉ ସବୁ ମିଛ ହୋଇପାରେ କିନ୍ତୁ ଜନ୍ମ ହେବାଟା ସତ୍ୟ ଏବଂ ମରିବାଟା ବି ସତ୍ୟ। ଯଦି ଜନ୍ମ ଅଛି ତେବେ ମରଣ ବି ଅଛି। ଏହି ଅକାଟ୍ୟ ନିୟମକୁ ଆଜି ପର୍ଯ୍ୟନ୍ତ କେହି ବି ଏଡ଼ାଇ ପାରି ନାହାନ୍ତି କିମ୍ବା ଭବିଷ୍ୟତରେ ପାରିବେ ନାହିଁ ମଧ୍ୟ। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହି ନିୟମର ବ୍ୟତିକ୍ରମ ଘଟିବାର ନଜିର ରହିଛି। ଯଥା- ହନୁମାନ, ବିଭୀଷଣ, କୃପ, ଅଶ୍ୱତ୍ଥମା, ବଳୀ, ବ୍ୟାସ ଏବଂ ପର୍ଶୁରାମ ଆଦି ୭ ଜଣ ଚିରଞ୍ଜୀବୀ ବୋଲି ଶାସ୍ତ୍ର, ପୁରାଣରେ ବର୍ଣ୍ଣନା ରହିଛି। ଏମାନେ ତ ଧରାଧାମରେ ଜନ୍ମ ନେଇଥିଲେ। କିନ୍ତୁ ସେମାନଙ୍କୁ ମୃତ୍ୟୁ ଆଜି ପର୍ଯ୍ୟନ୍ତ ବି ସ୍ପର୍ଶ କରିନି। ମର୍ତ୍ତ୍ୟମଣ୍ଡଳେ ଦେହ ବହି। ଦେବତା ହେଲେ ବି ମରଇ- ଶ୍ରୀମଦ ଭାଗବତର ଏ ନିୟମଟି ଉପରୋକ୍ତ ୭ ଜଣଙ୍କ ପାଇଁ ଲାଗୁ ହୋଇନି। ଅନେକଙ୍କ ମନ ମଧ୍ୟରେ ବହୁ ସମୟରେ ପ୍ରଶ୍ନ ଉଠେ ଯେ ରାମ, କୃଷ୍ଣ, ବୁଦ୍ଧଙ୍କ ପରି ମହାନ ଅବତାରୀମାନଙ୍କର ଜନ୍ମ ଆଉ ମୃତ୍ୟୁ ଥିବାବେଳେ ଏହି ୭ ଜଣଙ୍କର ମୃତ୍ୟୁ କାହିଁକି ନାହିଁ? ପାଠକେ, ଏହା ଏକ ବିରାଟ ପ୍ରଶ୍ନ। ଏହା ଆଜିର ଆଲୋଚନାର ବିଷୟବସ୍ତୁ ନୁହେଁ। ଏହା ବାବଦରେ ପରେ କେବେ ଆଲୋଚନା କରିବା।

ତେବେ ଯାହାହେଉ ପ୍ରତ୍ୟେକ ପ୍ରାଣୀଙ୍କର ମରଣ ଅବଶ୍ୟମ୍ଭାବୀ। ମରଣ ପ୍ରତି ସମସ୍ତଙ୍କର ଅହେତୁକ ଭୟ। ମରଣର ପଞ୍ଝାରୁ ବର୍ତ୍ତିବା ପାଇଁ ଏ ମଣିଷ କେତେ କ'ଣ ପୂଜାପାଠ, ଯୋଗ, ପ୍ରାଣାୟାମ, କେତେ ଡାକ୍ତର, କେତେ ଔଷଧର ଉପଯୋଗ କରେ। ଏତେ ଉପାୟର ଅବଲମ୍ବନ ପରେ ବି ମରଣ କିନ୍ତୁ ମଣିଷର ପିଛା କେବେ ଛାଡ଼ିନି କି ଛାଡିବାର ପ୍ରଶ୍ନ ବି ଉଠୁନି।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ

କେବଳ ଏହି ସତ୍ୟ ଯୋଗୁ ମଣିଷର ମରଣ ପ୍ରତି ଭୟ ଟିକକ ଯାହା ରହିଛି।

କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମୃତ୍ୟୁ ମଣିଷର ଶତ୍ରୁ ନୁହେଁ। ଅସଲ ମିତ୍ର ସେ। ମୃତ୍ୟୁ ପରି ମିତ୍ର ସଂସାରରେ ଆଉ କେହି ନାହାନ୍ତି। ଏହା ମଣିଷକୁ ଦୁଃଖ, ଜଞ୍ଜାଳ, ଅବସାଦ, ଯନ୍ତ୍ରଣା ଆଦିରୁ ମୁକ୍ତି ଦେଇଥାଏ। ଆଉ ଗୋଟିଏ ନୂତନ ଶରୀର ଏବଂ ନୂଆ ଜୀବନଟିଏ ଭେଟି ଦେଇଥାଏ ଏ ମଣିଷକୁ। ସେଥିପାଇଁ ମୃତ୍ୟୁକୁ ଏକ ଉତ୍ସବ ନୁହେଁ ବରଂ ଏକ ମହୋତ୍ସବ ଭାବେ ପାଳନ କରିବା ଦରକାର।

ଇୟେତ ଗଲା ଶରୀର ଛାଡ଼ିବା ପରର କଥା। ଶରୀରରେ ଥିବାବେଳେ ବି ମୃତ୍ୟୁ ମଣିଷକୁ ଜଣେ ମଣିଷ ଭଳି ଚଳିବା ପାଇଁ ସବୁ ସମୟରେ ଶିକ୍ଷା ଦେଇଥାଏ। ମଣିଷ କିନ୍ତୁ ତା'ର ଶିକ୍ଷାକୁ ମାନେ ନା। ଜନ୍ମ ହେଲାପରେ ଆମ୍ଭମାନଙ୍କୁ ଯେ ଦିନେ ମରିବାକୁ ହେବ-ଏ କଥାକୁ ଅନେଶତ ଭାଗ ଲୋକ ପାସୋରି ଯାଆନ୍ତି। ଫଳରେ ମଣିଷ ମନରେ ଲୋଭ, ହିଂସା, କାମ ଓ କ୍ରୋଧ ଗୁଡିକ ବସାବାନ୍ଧି ରହିବା ପାଇଁ ସୁବିଧା ପାଇଯାଆନ୍ତି। ଆଜିର ଜୀବନ କାଲିକୁ ନାହିଁ। ଏଇନେ ଅଛି। ପରକ୍ଷଣକୁ ଯେ ଥିବ-ଏହାର ଗ୍ୟାରେଣ୍ଟି ବି କିଛି ନାହିଁ। ଏହା ସତ୍ୟ। ଏହାକୁ ମଣିଷ ବି ଜାଣେ। ନିଜ ଆଖି ଆଗରେ ଉଦାହରଣ ବି ଦେଖେ। ତଥାପି ସେ ବେପରବାୟ। ଯେଉଁ ମଣିଷ ପ୍ରତି ମୁହୂର୍ତ୍ତରେ ସମ୍ମୁଖରେ ଜୀବନ ଏବଂ ପଶ୍ଚାତରେ ମୃତ୍ୟୁ ଅଛି ବୋଲି ଭାବି



ବାଟ ଚାଲୁଥାଏ, ସେଇମାନେ ହିଁ ମାନବରୁ ମହାନ ହୋଇଯାଇପାରନ୍ତି। ଯେଉଁମାନେ ଏ ତତ୍ତ୍ୱକୁ ଭୁଲି ଯାଆନ୍ତି, ସେମାନେ ରାକ୍ଷସ ପାଲଟି ଯାଆନ୍ତି। ଗୋଟିଏ ବାକ୍ୟରେ କହିବାକୁ ଗଲେ ମୃତ୍ୟୁ ଚେତନା ହିଁ ମଣିଷକୁ ମହାପୁରୁଷରେ ପରିଣତ କରିଥାଏ।

ମୃତ୍ୟୁକୁ ଢେର ଭୟ କରୁଥିବା ଲୋକଟିଏ ଦିନେ ମୃତ୍ୟୁ ସହିତ ମିତ ବସିଲା। ମୃତ୍ୟୁକୁ କହିଲା-ବୁଝିଲ ମଇତ୍ରେ! ଆମେ ଦୁହେଁ ଆଜିଠୁ ସାଙ୍ଗ ହେଲେ। କିନ୍ତୁ ମୋର ଗୋଟିଏ ବିଶେଷ ଅନୁରୋଧ ରଖିବ। ମୃତ୍ୟୁ ମିତ କହିଲେ-କ'ଣ କହୁନ? କି ଅନୁରୋଧ?? ଲୋକଟି କହିଲା, ତୁମେ ତ ଦିନେ ନା ଦିନେ ମୋତେ ସଙ୍ଗୋଳିବାକୁ ଆସିବ। ହେଲେ ଆସିବା ପୂର୍ବରୁ ମୋତେ ଟିକେ ଜଣେଇ କି ଆସିବ, ଯାହାଫଳରେ ଅଧୁରା ଥିବା କାମକୁ ମୁଁ ଚଞ୍ଚଳ ସାରିପାରିବି। ମୃତ୍ୟୁ ମିତ କହିଲେ, ଏଇ କଥା। ମୁଁ ପ୍ରତିଜ୍ଞା କରି କହୁଛି ବନ୍ଧୁ, ମୁଁ ଯେତେବେଳେ ବି ତୁମ ପାଖକୁ ଆସିବି ଖବର ପଠେଇକି ଆସିବି।

ଇତିମଧ୍ୟରେ ବହୁ ବର୍ଷ ବିତିଗଲା।

ଦିନେ ସକାଳୁ ସକାଳୁ ମୃତ୍ୟୁ ମିତ ଲୋକଟି ପାଖରେ ଆସି ହଠାତ୍ ପହଞ୍ଚିଗଲେ। କହିଲେ-ମଇତ୍ର! ସୁପ୍ରଭାତ। ଆଜି ତୁମକୁ ସଙ୍ଗୋଳିବାକୁ ଆସିଛି। ସଂସାରରୁ ଆଜିଠୁ ତୁମର ଛୁଟି।

ଲୋକଟି ମୃତ୍ୟୁ ମିତ୍ରର ଏପରି ଧୋକାବାଜି ଦେଖି ରାଗିଯାଇ କହିଲା- ମିତ୍ର! ତୁମେ ଏଡ଼େ ବିଶ୍ୱାସଘାତକ ବୋଲି ମୁଁ ଏବେ ଜାଣୁଛି। ତୁମେ ପରା କହିଥିଲ ଆସିବା ପୂର୍ବରୁ ସୂଚନା ଦେଇ ଆସିବ ବୋଲି? ହେଲେ କ'ଣ କଲ?

ମୃତ୍ୟୁ ମିତ କହିଲେ-ମୁଁ ବଡ଼ ଦୁଃଖିତ ଯେ, ମୋତେ ତୁମେ ଅଯଥାରେ ଦୋଷ ଦେଉଛ। ତୁମେ ମୋ ସହିତ ପ୍ରଥମେ ମିତ୍ରତାର ହାତ ବଢ଼ାଇଥିଲ। କିନ୍ତୁ ପରେ ମୋତେ ସମ୍ପୂର୍ଣ୍ଣ ଭୁଲିଗଲ। ମୁଁ କିନ୍ତୁ ତୁମକୁ ଭୁଲିନି। ତୁମ ପାଖରେ ସର୍ବଦା ଛାଇପରି ରହିଛି। ବାକି ରହିଲା କଥା ଦେଇ ନ ରଖିବା ପ୍ରସଙ୍ଗ। ମୁଁ ତୁମକୁ ଆଜି ଆସିବାର ଦଶବର୍ଷ ପୂର୍ବରୁ ଥରେ ନୁହେଁ, ଚାରି ଚାରି ଥର ଚିଠି ପଠେଇଛି। କିନ୍ତୁ ତୁମେ ଚିଠିର ଉତ୍ତର ଦେବା ତ ଦୂରର କଥା ପ୍ରତିଥର ଚିଠିକୁ ଚିରି ଫୋପାଡି ଦେବା ପାଇଁ ଉଦ୍ୟମ କରିଛ।

ଲୋକଟି କହିଲା- ମୋ ପାଖକୁ ଚିଠି ପଠାଇଥିବାର କିଛି ପ୍ରମାଣ ତୁମ ପାଖରେ ଅଛି କି?

- ହେ ମିତ୍ର! ଚିଠିର ପ୍ରମାଣ ସବୁ ଏବେ ବି ତୁମ ପାଖରେ ମହଜୁଦ୍ ଅଛି। ତୁମ ମୁଣ୍ଡର ଚୁଟି ଗୁଡିକୁ ଧଳା କରିଦେଇ ପ୍ରଥମ ଚିଠି ପଠାଇଥିଲି। କିନ୍ତୁ ତୁମେ ରଙ୍ଗବୋଳି ତାକୁ କଳା କରିଦେଇ ସଂସାରରେ ପୁଣି ଡେଇଁଲ।

ତୁମ ଆଖିର ଦୃଷ୍ଟିଶକ୍ତିକୁ କମ୍ କରିଦେଇ ଦ୍ୱିତୀୟ ସୂଚନା ଦେଲି। ଏହାକୁ ବି ତୁମେ ଜାଣିପାରିଲ ନାହିଁ। ସଚେତନ ହେବା ଅପେକ୍ଷା ତୁମେ ଡାକ୍ତରଙ୍କ ପାଖକୁ ଯାଇ ଚଷମା ପିନ୍ଧି ପକାଇଲ। ପ୍ରମାଣ ସ୍ୱରୂପ ଏବେ ତୁମ ନିଜ ଆଖିକୁ ଦେଖ।

ତା' ପରେ ତୃତୀୟ ଚିଠି ପଠାଇଲି। ଦାନ୍ତଗୁଡ଼ିକ କାଢ଼ି ନେଲି। ଏ ସୂଚନାକୁ ବି ତୁମେ ଖାତିରି କଲ ନାହିଁ। କୃତ୍ରିମ ଦାନ୍ତ ଲଗାଇ ଭଲମନ୍ଦ ଖାଇ ସଂସାରରେ ଅୟସ କଲ।

ତୁମ ଚର୍ମଗୁଡ଼ିକୁ ଲୋଚାକୋଚା କରି ଏବଂ ଦେହରେ ଥିବା ବଳକୁ ଅପହରଣ କରି ଚତୁର୍ଥ ଚିଠି ପଠେଇଲି। ହେଲେ ଏହା ବି ଫେଲ୍ ମାରିଲା। ତୁମେ ମୋ ଆଡ଼କୁ ଟିକେମାତ୍ର ବି ଚାହିଁଲ ନାହିଁ। ଶେଷକୁ ବାଧ ହୋଇ ମୁଁ ନିଜେ ଆସିଲି। ମୁଁ ମୋର ମିତ୍ର ଧର୍ମ ଠିକ୍ ଭାବେ ନିର୍ବାହ କରୁଛି। ତୁମେ କିନ୍ତୁ ମାୟାମୋହରେ ପଡ଼ି ମୋତେ ଭୁଲି ଯାଇଛ। ଏବେ ଚାଲ। ଆଉ ଡେରି କରନା।

ଲୋକଟି ନିଜର ଭୁଲ ବୁଝିପାରି ବାଧହୋଇ ମୃତ୍ୟୁ ମିତ୍ରର ହାତଧରି ତାଙ୍କ ସଙ୍ଗରେ ଚାଲିଲା।

ପାଠକେ, ଆମମାନଙ୍କ ମଧ୍ୟରୁ କାହା ପାଖରେ ମୃତ୍ୟୁର ଯେକୌଣସି ଚିଠି ବି ପହଞ୍ଚି ସାରିବଣି। ବଡ଼କଥା ହେଉଛି ମୃତ୍ୟୁକୁ ସବୁବେଳେ ମନେ ରଖିବା। ମୃତ୍ୟୁ ମିତ୍ରକୁ ସ୍ୱାଗତ କରିବା। ତାଙ୍କୁ ଭୁଲିଗଲେ ଆମେ ବାଟବଣା ହୋଇଯିବା। ମାୟାରେ ଘାଣ୍ଟି ହେବା। ମନ ମଧ୍ୟରେ ରଖିଲେ କେବଳ ସୁଖ ହିଁ ପାଇବା।

*- ରାମନଗର, ତେଲେଙ୍ଗାପେଣ୍ଠ, କଟକ*

---

**ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...**

## ମଧୁସ୍ମୃତିରେ...

ଦିବସ ବିଷୟରେ ଜାଣିବା ପାଇଁ 'ଉତ୍କଳ ପ୍ରଭାତ' ନାମକ ଏକ ପୁସ୍ତକ ପ୍ରକାଶିତ କରାଯାଇ ବଣ୍ଟନ କରାଯାଉଛି। ଉତ୍କଳ ଦିବସ ଓ ଓଡ଼ିଆ ନୂତନ ବର୍ଷକୁ ପାଳନ କରାଯାଉଛି। ଉତ୍କଳ ଗୌରବ ଓ ଉତ୍କଳ ସମ୍ମିଳନୀର ପ୍ରଚାର ପ୍ରସାର ନିମନ୍ତେ 'ଉତ୍କଳ ସମ୍ମିଳନୀ ସମାଚାର' ପତ୍ରିକା ପ୍ରକାଶିତ ହେଉଛି। ମଧୁବାବୁଙ୍କ ସମ୍ପର୍କରେ ୧୫୦ଖଣ୍ଡ 'ଚିର ବନ୍ଦନୀୟ' ନାମରେ ପୁସ୍ତକ ଏବଂ ୧୫୦ଟି ଫଟୋଚିତ୍ର ବିଧାନସଭା ପାଠାଗାରକୁ ପ୍ରଦାନ କରାଯାଇଥିଲା। ମଧୁବାବୁ କେବଳ ଉତ୍କଳ ଗୌରବ ନୁହନ୍ତି ସେ ଭାରତ ଗୌରବ। ଏଥିପାଇଁ ସଂସଦ ଭବନ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବହୁବାର ଉତ୍କଳ ସମ୍ମିଳନୀ



ଦାବି କରିଆସୁଛି। ଏଥିପାଇଁ ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାମହିମ ରାଜ୍ୟପାଳଙ୍କୁ ସାକ୍ଷାତକରି ପତ୍ର ଦେଇଛୁ । ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ସଫଳତା ପାଇଛୁ । ପୋଲାଭରମ, କୋଟିଆ ଗ୍ରାମପଞ୍ଚାୟତ, ଉଦୟପୁର ବେଳାଭୂମି, ଶଙ୍ଖମେଦି ଆଦି ବହୁ ସୀମା ସମସ୍ୟା ଗ୍ରାମର ଓଡ଼ିଆ ଜନଜୀବନ, ଭାଷାର ସୁରକ୍ଷା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ସହିତ ଗୋରା କବରସ୍ଥିତ ସମାଧିପୀଠ, ଶୈଳବାଳା ମହାବିଦ୍ୟାଳୟରେ ଥିବା ମଧୁସୂଦନ ସଂଗ୍ରହାଳୟ, ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ଅନ୍ତୁଡ଼ିଶାଳ ଇଦ୍‌ଗା ପଡ଼ିଆର ବିକାଶ ସହିତ ରାଜଧାନୀ



ଭୁବନେଶ୍ୱରରେ ମଧୁବାବୁଙ୍କ ନାମରେ ମଧୁସ୍ମୃତି ଭବନ ନିର୍ମାଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ତେବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କାର୍ଯ୍ୟଧାରାରେ ଓଡ଼ିଶାର ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ଅନୁପ୍ରାଣିତ ହୋଇଥିବାର ବହୁ ନଜିର ରହିଛି।

**-ବନବିହାରୀ ବେହେରା**
**ଅରବିନ୍ଦ ଭୂୟାଁ, ଅଭିଜିତ ଚନ୍ଦ୍ର**

# ଈଶ୍ୱରଙ୍କ ଇଚ୍ଛାରେ ଶବ୍ଦ ହୁଏ ସଂଳାପ




**ନା**ଟକରେ ଅଭିନୟ କରିବାଠାରୁ ଆରମ୍ଭକରି ନାଟକ ରଚନା, ନିର୍ଦ୍ଦେଶନା ପୁଣି ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ରର ସଂଳାପକାର, ଗୀତିକାର ଓ ସଙ୍ଗୀତ ସଂଯୋଜକ। ଗଳ୍ପ, ଏକାଙ୍କିକା ଓ କବିତା ଲେଖାରେ ତାଙ୍କର ରହିଛି ନିଆରା ପରିଚୟ। ଏଥିପାଇଁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ହୋଇଛନ୍ତି ପୁରସ୍କୃତ ଓ ସମ୍ମାନିତ। ସେ ହେଲେ -ରଣଜିତ୍ ପଟ୍ଟନାୟକ, ଜନ୍ମ ୨୦।୦୩।୧୯୫୭, ପିତା ଜଗନ୍ନାଥ ପଟ୍ଟନାୟକ, ମା' ହେମଲତା ପଟ୍ଟନାୟକ। ଗାଁ-ଅବିଭକ୍ତ ବରଗଡ଼ ଜିଲାର ପଦ୍ମପୁର ଅଧୀନ ରାଜାସମ୍ବରରେ। ଏବେ ସେ ରୁହନ୍ତି କଟକ ବିଡ଼ନାସୀ ମର୍କତ ନଗର, ସେକ୍ଟର-୯ ଅଞ୍ଚଳରେ। ସେ କୁହନ୍ତି, ବାପାମା'ଙ୍କର ମୁଁ ୩ୟ ସନ୍ତାନ। ମୋର ଡାକ ନାମ ଡ଼ାଲୁ। ପିଲାଦିନେ ଗାଁରେ ରହୁଥିଲୁ। ଘରେ ଖାଉଥିଲୁ, ଖେଳୁଥିଲୁ, ଗଛଚଢ଼ା, ନଈପହଁରାରେ ସମୟ ବିତୁଥିଲା। କିନ୍ତୁ ଛାତ୍ର ବୟସରୁ ନାଟକରେ ହିଁ ଅଭିନୟ କରିଆସିଛି।

**ଶିକ୍ଷା:** ପ୍ରାୟ ୭/୮କିମି ଦୂର ପାଦରେ ଚାଲିଚାଲି ସ୍କୁଲ ଯିବାକୁ ପଡୁଥିଲା। ଝାରସୁଗୁଡ଼ା ରହୁଥିବାବେଳେ ସେଠାରେ ପ୍ରଥମରୁ ୫ମ ଯାଏ ପଢିଲି। ରାଉରକେଲାରେ ୬ଷ୍ଠ, ସମ୍ବଲପୁରରେ ୭ମ ଓ ୮ମ ଏବଂ କଲେଜ ପଢିଲି। ଏମଏ ଓ ଏମ୍‌ଫିଲ (ଇତିହାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ) କରିଛି। ତାପରେ ୧୯୮୦ ମସିହାରେ କାନରା ବ୍ୟାଙ୍କରେ ଚାକିରି ଆରମ୍ଭକରି ୨୦୧୭ରେ ସେବାରୁ ଅବସରପ୍ରାପ୍ତ। ଚାକିରି କାଳ ମଧ୍ୟରେ ବି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ନାଟକ ମଞ୍ଚସ୍ଥ ପାଇଁ ବିଭିନ୍ନ ଅଞ୍ଚଳକୁ ଯାଇଛି। ଏମିତି କି ବାରିପଦା, ରାଉରକେଲା, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ସେହିପରି ବାହାର ରାଜ୍ୟଭାବେ ଭୋପାଳ, ବମ୍ବେ, କଲିକତା, ବୋକାରୋରେ ବି ନାଟକ ପ୍ରଦର୍ଶନ କରିଛୁ।



**ପ୍ରକାଶିତ ନାଟକ:** ରଚନା କରିଥିବା ନାଟକ ମଧ୍ୟରୁ ପ୍ରାୟ ୧୫ଟି ନାଟକବହି ପ୍ରକାଶିତ ହୋଇସାରିଛି। ସେଥିମଧ୍ୟରୁ - 'ଚଉକି', 'ଗୁଣିଆ ଝାଡ଼େ ଲୋ ଡାହାଣୀ', 'ଟିଟୋ', 'ଗୋଇଠା ବାବା' (ହିନ୍ଦୀରେ ଅନୁବାଦିତ ହୋଇ ନୂଆଦିଲ୍ଲୀରୁ ପ୍ରକାଶିତ) 'ମନ ତୋହର ନିଜ ଗୁରୁ', 'ହୁଏନ୍‌ସାଂଙ୍କ ଭାରତ ପରିଭ୍ରମଣ', 'ବଧିର ଈଶ୍ୱର', 'ଗାଁ' ଏବଂ ୮ଟି ଏକାଙ୍କିକା ମଧ୍ୟ ପ୍ରକାଶିତ ହୋଇଛି। ସେହିପରି 'ହାରାକିରି', 'ନୟନ ପିତୁଳା', 'ଶାମୁକା', 'ସମାଧି', 'ନ ଅଙ୍କ','ଅନ୍ୟ ଏକ ଶ୍ମାଶନ ସଂଧାନରେ','ହନୁମାନ ପଇସା', 'ତଥାପି ପ୍ରତୀକ୍ଷା' 'ଓଡ଼ିଆ ନାଟକର ସମଗ୍ର କୃତି ସଂପ୍ରତି' ଆଦି ଶତାଧିକ ପାଣ୍ଡୁଲିପି ଅପ୍ରକାଶିତ ରହିଛି। ଗଳ୍ପ ଓ କାବ୍ୟ ପୁସ୍ତକ ମଧ୍ୟ ଲେଖିଛି ବିଶେଷକରି ଅକବିର କବିତା, ଫେସବୁକ କବିତା, ଗଳ୍ପମଞ୍ଚ ଇତ୍ୟାଦି।

**ନାଟ୍ୟ ନିର୍ଦ୍ଦେଶନା:** 'ପଳାତକ','ଗୁଣ୍ଡା', 'ଧୃତରାଷ୍ଟ୍ରର ଆଖି','ମୋର ବା ଦୋଷ କ'ଣ', 'ଅନେଶତ ପବନ', 'କସ୍ତୁରୀ', 'ଆଠକାଣ୍ଟର ଅମରାବତୀ', ବାଘଶିକାର ସମେତ ପ୍ରାୟ ୩୨ରୁ ଊର୍ଦ୍ଧ୍ୱ ନାଟକକୁ ନିର୍ଦ୍ଦେଶନା ଦେଇସାରିଛି।

**ନାଟ୍ୟ ଅଭିନୟ ଭାବେ:** 'ନଳସ୍ୟ ଦମୟନ୍ତୀ', 'ପରିଶୋଧ', 'କାଳପୁରୁଷ', 'ସନ୍ନ୍ୟାସୀ', 'ମୁଁ ସଇତାନ କହୁଛି', 'ମହାନଦୀରେ ବନ୍ୟା', 'ଧୂଳିଘରୁ ଆକାଶଆଡ଼କୁ', 'ଆମଘରର ହାଲଚାଲ' ଭଳି ୨୫ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛି।

**ଚଳଚିତ୍ର ଚିତ୍ରନାଟ୍ୟ ସଂଳାପ ଓ ଗୀତ ରଚନା:** 'ଗୋପରେ ବଢୁଛି କଳାକହ୍ନେଇ', 'ରକତ ଚିହ୍ନିଛି ନିଜର କିଏ','ସମୟ ଖେଳୁଛି ଚକାଭଉଁରି', 'ବର୍ଷା ମାଇଁ ଡାର୍ଲିଂ', 'ପ୍ରେମରତ୍ନ ଆସିଲାରେ', 'ମୁଁ ତତେ ଲଭ କରୁଛି', 'ସତ୍ୟମେବ ଜୟତେ', 'ମତେ ତ ଲଭ୍ ହେଲାରେ', 'ଦିୱାନା', 'ଡନ୍', 'ରୋମିଓ ଦି ଲଭରବୟ', 'ମୁଁ କ'ଣ ଏତେ ଖରାପ', 'ଶପଥ', 'ରଜାଝିଅ ସଙ୍ଗେ ହୋଇଗଲା ଭାବ', 'ମା ଖୋଜେ ମମତା', 'ଦଣ୍ଡା ବାଳୁଙ୍ଗା', 'ଭଲପାଏ ତତେ ଶହେରୁ ଶହେ', 'ଲଭ ପାଇଁ କୁଛ ଭି କରେଗା', 'ସିଷ୍ଟର ଶ୍ରୀଦେବୀ', 'ତୋର ମୋର ପ୍ରେମ କାହାଣୀ' ଆଦି ପ୍ରାୟ ୪୨ରୁ ଊର୍ଦ୍ଧ୍ୱ ସିନେମା ପାଇଁ ସଂଳାପ ଓ ଗୀତ ରଚନା କରିଛି।

**ଧାରାବାହିକ :** 'ଗୁଣିଆ ଝାଡ଼େଲୋ ଡାହାଣୀ, 'ମହାଯଜ୍ଞ', 'ସ୍ୱାଭିମାନ', 'ତୋ ଅଗଣାରେ ତୁଳସୀ ମୁଁ, 'କେମିତି ଏ ବନ୍ଧନ', 'ପରୀ', 'ସିନ୍ଦୂର ବିନ୍ଦୁ', 'ଜୟ ମା' ଲକ୍ଷ୍ମୀ', 'ନୂଆ ବୋହୂ', 'ସାବିତ୍ରୀ', 'ମଙ୍ଗଳାଚରଣ' ଆଦି ୧୧ରୁ ଅଧିକ ଧାରାବାହିକର ସଂଳାପ ରଚନା କରିସାରିଛି ।

**ସଂଗୀତ ନିର୍ଦ୍ଦେଶନା ଓ ଗୀତ ରଚନା** ଭାବେ: 'ସାଇ ଅମୃତ', 'ଲକ୍ଷେଫଗୁଣ', 'ଦୁର୍ଗତିନାଶିନୀ ଦୁର୍ଗା', 'ଜୟ ମା ଲକ୍ଷ୍ମୀ','ଟାଇମ୍ ପାସ' ଆଦି ଆଲବମ୍ ଓ ଧାରାବାହିକର ସଙ୍ଗୀତ ନିର୍ଦ୍ଦେଶନା ଓ ଗୀତ ରଚନା କରିଛି। ଏତଦ୍ ବ୍ୟତୀତ ଆକାଶବାଣୀ କଟକ, ସମ୍ବଲପୁର ଓ ଦୂରଦର୍ଶନର ମୁଁ ଜଣେ ସ୍ୱୀକୃତିପ୍ରାପ୍ତ ଅଭିନେତା। ପ୍ରାୟ୧୨ଟି ପ୍ରାମାଣିକ ଚିତ୍ରର ପ୍ରଯୋଜନା, ରଚନା ଓ ନିର୍ଦ୍ଦେଶନା ଦେବା ସହିତ ସେଗୁଡିକ ଦୂରଦର୍ଶନ ଭୁବନେଶ୍ୱର ଦ୍ୱାରା ପ୍ରସାରିତ ହୋଇଛି। ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟର ଅତିଥି ଅଧ୍ୟାପକ। କଳିଙ୍ଗ ଷ୍ଟୁଡିଓର ନିର୍ଦ୍ଦେଶକ ବି ଥିଲି।

**ପୁରସ୍କାର ଓ ସମ୍ମାନ:** 'ଗାଁ' ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ-୨୦୦୨ ପୁରସ୍କାର ମିଳିଛି, ସଂଗୀତ ନାଟକ ଏକାଡେମୀ ପୁରସ୍କାର-୨୦୧୩, ପ୍ରଜାତନ୍ତ୍ର ପ୍ରସାର ସମିତି କଟକଙ୍କ ଦ୍ୱାରା ଜଷ୍ଟିସ ହରିହର ମହାପାତ୍ର ସ୍ମାରକୀ ପୁରସ୍କାର, ନାଟ୍ୟମ ସମ୍ମାନ-ଅନୁଗୋଳ, କବି ହଳଧର ନାଗ ଜୟନ୍ତୀ ସମ୍ମାନ, ଆଦି ନାଟ୍ୟକାର ସମ୍ମାନ, ଗଣକବି ବୈଷ୍ଣବ ପାଣି ସମ୍ମାନ, ରଙ୍ଗମଞ୍ଚ ସମ୍ମାନ, ଚଳଚ୍ଚିତ୍ର ଜଗତ ସମ୍ମାନ, ଚିତ୍ରଲିପି ପୁରସ୍କାର, ବାଣୀଚିତ୍ର ସମ୍ମାନ, ଉତ୍କଳ ଯୁବ ସାଂସ୍କୃତିକ ସଂଘ ସମ୍ମାନ, ତରଙ୍ଗ ସିନେ ଆୱାର୍ଡ, ଓଡ଼ିଶା ଫିଲ୍ମ ଫେୟାର ଆୱାର୍ଡ, ଉତ୍କଳ ସାହିତ୍ୟ ସମ୍ମାନ, ସମ୍ପର୍କ ସମ୍ମାନ, ତରଙ୍ଗ ପରିବାର ଆୱାର୍ଡ, ଯଦୁମଣି ଦାସ ମହାପାତ୍ର ସମ୍ମାନ, କସ୍ତୁରୀ ସମ୍ମାନ, ପ୍ରମୋଦ ତ୍ରିପାଠୀ (ପ୍ରମୋଦନାମା) ସମ୍ମାନ, ଛେଣ୍ଡ ସାଂସ୍କୃତିକ ପରିଷଦ ସମ୍ମାନ, ସ୍ୱସ୍ତିଝଙ୍କାର ସମ୍ମାନ ଆଦି ଅନେକ ପୁରସ୍କାର ମିଳିଛି। ପରିବାର କହିଲେ ମୋ ପତ୍ନୀ ଦୀପ୍ତି ଓ ପୁଅ ନୀରବକୁ ବୁଝାଏ। ମୋ ସ୍ତ୍ରୀ ଏହି କ୍ଷେତ୍ରରେ ମୋର ପ୍ରଥମ କ୍ରିଏଟର। ପ୍ରତିଦିନ ମୁଁ ହାତରେ ପ୍ରାୟ ଶତାଧିକ ପୃଷ୍ଠା ଲେଖିଥାଏ। ବଞ୍ଚିଥିବା ଯାଏ ଲେଖି ଚାଲିଥିବି। ପ୍ରକୃତରେ ମନରେ ଛାଏଁ ଛାଏଁ ଉଙ୍କି ଉଠୁଥିବା ସଂଳାପ ଦର୍ଶକଙ୍କୁ ବାନ୍ଧି ରଖିପାରେ। ମୁଁ ଭାବେ ଈଶ୍ୱରଙ୍କ ଇଚ୍ଛାରେ ଶବ୍ଦ ହୁଏ ସଂଳାପ ।''



**-ବନବିହାରୀ ବେହେରା**

# ଫେରିବାର ବାଟ

–ଡିଲେଶ୍ୱର ରଣା

ଦଇମତିର ଶୁଖିଆସୁଥିବା ଥନକୁ ରେକଟୁଛି ତା'ର ଅଢ଼େଇ ବର୍ଷିଆ ଛୁଆ। ଥିରପିଆ ବେଳର ଦଲକାଏ ଝାଞ୍ଜି ପବନରେ କିନ୍ଦ୍ରି ଯାଉଛି ଛୁଆ ହାତର ଫିଁଫିରି। ଗୋଟେ ହାତରେ ଛୁଆକୁ କାଖେଇ ଧରି ଆର ହାତରେ ମୁଣ୍ଡରେ ବୋହିଥିବା ଜଞ୍ଜାଳ ଭର୍ତ୍ତି ଟଳମଳ ଜରିବସ୍ତାକୁ ଥାପି ଧରିଛି ସେ। କେତେବେଳୁ ରେଳ ଟେସନରୁ ଉତୁରି ସେ ନାମ ପଞ୍ଜୀକରଣ କାଉଣ୍ଟର ସାମ୍ନାକୁ ଆସିଲାଣି ଜାଣିପାରିନି। ପଞ୍ଜୀକରଣ କରୁଥିବା ବାବୁ ଜଣକ ପଚାରିଲେ: ନାଁ କହ ? ମଳିଚିଆ ମାସ୍କ ଭିତରୁ ଏତେ ଧୀର ଶବ୍ଦରେ କହିଲା ଯେ ସେ ଶୁଣି ପାରିଲେନି। ଆଉ ଥରେ ପ୍ରଶ୍ନ କଲେ। ଚମକିଲା ପରି ସେ ଉତ୍ତର ଦେଲା: ଦଇମତି ଲୁହୁରା !
:ବୟସ ? ନିଜର ହାଡୁଆ ଦେହ ଉପରକୁ ଥରେ କହିଲା: କେତେ ହେବା ଯେ ଦେଖିକରି ଲେଖିଦେ ନିକେଁ ବାବୁ?
ପଞ୍ଚାୟତ ?:ମେଦିନିପୁର !
ଏଥର କାଉଣ୍ଟରରୁ ଖାଇବା ପୁଡ଼ିଆ ଓ ପାଣି ବୋତଲ ନେଇ ସେ ପାଦେଇଲା ପୋଲିସମାନେ ନିର୍ଦ୍ଦେଶୁ ଥିବା ଆଡ଼େ। ଆଉ ବେଶି ଦୂର ନୁହଁ ଏଇ ଭବାନୀପାଟଣାରୁ ତା' ଗାଁ, ଘର। ମାତ୍ର ଚାରିକୋଶ ବାଟ। ସେ କେବେ ସ୍ୱପ୍ନରେ ସୁଦ୍ଧା ହେଜିପାରି ନ ଥିଲା ତା' ଘଇତାର କାଳ ପରେ ସେ ଗାଁ ମାଟିର ମୁହଁ ପୁଣି ଦେଖିବ। ହାଇଦ୍ରାବାଦର କେଉଁ ଏକ ଅଜଣା ଇଟାଭାଟିରେ ସାତ ବର୍ଷ ହେଲା ବନ୍ଧକ ଥିଲା ସେ। ମାଲିକର ଜୁଲମରେ ଅଦିନିଆ ଆୟୁଷରେ ନୀରବି ଯାଇଥିଲା ତା'ର ଘରମଣିଷ। ତା'ର ଘଇତା ଥିଲା ବେଳେ ଲେଉଟିବାର ଯାହା ଟିକେ ରଚେ ଆଶା ଥିଲା, ସେତକ ବି ଆଉ ସମ୍ଭବ ନୋହିଲା। ମାତରକ ଦଇବ ଏ ସଂସାରକୁ କି ରୋଗ ପେଷିଲା କେଜାଣି ଯେଉଁ ମାଲିକ ଅକାରଣରେ ଏତେ ବର୍ଷ ତାଙ୍କୁ ଶୋଷୁଥିଲା, ସେ ନିଜେ ହିଁ ତା' ପରି ଅନେକ ନିରାଶ୍ରାଙ୍କୁ ଫିଟେଇଦେଇଥିଲା ଫେରିବାର ବାଟ। ସତେ କରୋନା ରୋଗ ନୁହଁ ତ, ମୁକ୍ତିର ଅବତାର ସତେ !



*–ଧଅଁରାମାଲ, ରୁପ୍ରା,*
*ରୁପ୍ରାରୋଡ଼, କଳାହାଣ୍ଡି*
*ମୋ: ୯୫୫୬୧୩୭୦୭୭*

# ଯୋଡ଼ା ଛାଇ

–ଦୀପ୍ତିମୟୀ ପ୍ରଧାନ

ଝୁଣ୍ଟୁଥିଲା ପାଦ, ଅଟକୁଥିଲା ଥରକୁ ଥର
ହେଲେ ଚାହୁଁ ନ ଥିଲି
ପଛକୁ।

ଲହୁଲୁହାଣ ପାଦରେ
ଗୋଟିଏ ଘୁଙ୍ଗୁର ବାନ୍ଧି ଦେଇ
ଅସ୍ତାଚଳକୁ ଆଙ୍ଗୁଠି ବଢ଼େଇ
କହିଦେଲ, ଏବେ ଚାଲ।

ଧାଇଁଲି ଆଗକୁ
ଦିଗନ୍ତ, ସମୁଦ୍ର, ପାହାଡ଼
ବର୍ଷା, ବତାସ, ଖାଲ କି ଖମା କିଛି ନ ମାନି
ସେ ଚଳମାନ ଛାଇ ପଛରେ।

ଏତେ ଦୂର ଧାଇଁଲି ଯେ
ଛିଣ୍ଡିଗଲା ପାଦରୁ ଘୁଙ୍ଗୁର
ଖଣ୍ଡ ଖଣ୍ଡ ଛିଡ଼ିଗଲା ଦେହ, ଜୀର୍ଣ୍ଣ ହେଲା ବସ୍ତ୍ର।
ଦଗମ୍ବରୀ ମୁଁ ତଥାପି
ସେ ଛାଇର।

ଛାଇ ହୋଇ ଛାଇ ପଛେ ପଛେ
ଦିଗ୍ ବିଦିଗ ଘୂରୁଥିବା, ଅମୋକ୍ଷ ମୁଁ
ଆତ୍ମା ଗୋଟେ କେଉଁ ଶରୀରର।

ମୁଁ ଆଉ ପୃଥିବୀ ତ'
ଏକାପାଦ, ଏକାଭାବ, ଏକାଭ୍ରମ !
ଏତେ ଅସ୍ଥିରତା
କାହିଁକି ପାଦରେ ମୋର
କିଏ ବା ରୋଧୁଛି ପଥ ? ଜ୍ଞାତି ପରିଜନ।
କିଏ ବା ପଛରୁ ଭୁସୁଛି ଛୁରି ? ସୀମନ୍ତ ସିନ୍ଦୂର ଗାର
କିଏ ବା ଫାଶରେ ବାନ୍ଧିଛି ବେକ...
କିଏ ? କିଏ ସେ ?
ତଥାପି ଚାଲୁଚି ଓ ଚାଲୁଚି
ସେ ଛାଇର, ଛାଇ ହୋଇ।

*– ମାର୍ଫତ: ଇଂ. ଅକ୍ଷୟ କୁମାର ସାହୁ, ଫ୍ଲାଟ୍*
*ନଂ–ସି/୧୧୦, ରଶ୍ମୀବିହାର,*
*ମୋ: ୯୪୩୭୧୪୬୯୮୦*

# ଛଦ୍ମବେଶ

–ସୁରେଶ ନାୟକ

କାହାକୁ ଗୋଟେ ଖୋଜି ଖୋଜି
ପହଞ୍ଚି ଯାଇଥିଲା କି ସେ ପିଲା
ଏ ଘର ଯାଏ ?
ବିକ୍ରି ଲାଗି ରଙ୍ଗବେରଙ୍ଗ ମୁଖାର ଭାର
ତା' କାନ୍ଧରେ।
ଚତୁର ପଡ଼ୋଶୀମାନଙ୍କ କ୍ରୂର କୌତୂହଳ
ଛପିଗଲେଣି ଗୋଟେ ଗୋଟେ ମୁଖା
ପଛରେ।
ଆମର ଦେଖା ହୋଇପାରିଲାନି
ଯାହାକୁ ଭେଟିବାକୁ ଆସିଥିଲେ ଏତେ
ବିଶ୍ୱାସ ନେଇ ଏ ଗାଁ।
କେମିତି କେହି କହିପାରିଲେନି ଏତେ
ଜଣାଶୁଣା ଲୋକଟିର ଠିକଣା
କିମ୍ବା ସେ ନାଁରେ କେହିଥିବା ଆଖପାଖ
ଦଶଖଣ୍ଡ ମୌଜାରେ।
କାନ୍ଥ ଦାଡ଼ରେ ମୁଖା ଭାରକୁ ଆଉଜାଇ
ଦେଇ ସେ ପିଲା
ଏଇ ଆସୁଛି କହି ଚାଲିଗଲାଣି କେଉଁଆଡ଼େ
ଆମକୁ ଜଗାଇଦେଇ।
ସାରାଜନ୍ମ ଆମର କଟିଗଲା କେଉଁଠି ନା
କେଉଁଠି ଛଦ୍ମବେଶରେ
ଆଉ କାହା ଲୋଭକୁ କାନ୍ଧରେ ବୋହି ନଇ
ପାର କରିବାରେ
କେମିତି ଖର୍ଚ୍ଚ ହୋଇଗଲା ଦିନ।
ତାସ ପାଲିରେ ହାତମୁଠାରୁ ଭୁଲ୍‌ରେ
ଖସାଇ ଦେଲେ ନାଲିଆ ଏକା,
ହାରିଗଲେ ଜିତିବା ଖେଳ।
ଏତିକି ବିଶ୍ୱାସ ଚଲାଇ ନେଉଛି ଆଗକୁ
ଯେ କେହିଜଣେ ଆମ ଅପେକ୍ଷାରେ ଅଛି
ଆଗରେ।
ଏତକ ଆଶ୍ୱାସନା ସୁରକ୍ଷିତ ଥାଉ
ଆମର ହୋଇ ଅଣ୍ଟିରେ।
ଦୂର ଗାଁରେ କେଉଁଠି ମଞ୍ଚସ୍ଥ ହେଉଛି
ମହାନ୍ ସାମାଜିକ ନାଟକ
ଚରିତ୍ରମାନଙ୍କ ଛାଇନିଦ ଭାଙ୍ଗିଯାଉଛି
କରୁଣ ସାହାନାଇରେ।
ଏଣେ ରଫ୍ ଖାତାର ଅଙ୍କାବଙ୍କା ଚିତ୍ରରେ
ହଳେ ଡେଣା ଖଞ୍ଜିବାକୁ ବରାଦ କଲେଣି
ଡ୍ରଇଂ ମାଷ୍ଟ୍ରେ।
ସେ ପିଲା କୁଆଡ଼େ ଗଲା ? କାହିଁକି
ଫେରିଲାନି। ଉଠିବା, ଯିବା ଏବେ
ତା' ଭରସା ଭାଙ୍ଗି ନେଇଯିବାକି
ମୁଖାଟେ ସାଙ୍ଗରେ
ଆଗକୁ ନୂଆ ଛଦ୍ମବେଶ ଲାଗି ଲୋଡ଼ା
ପଡ଼ିପାରେ ଏ ମୁଖା।

*–କ୍ରିଷ୍ଣା ନଗର, ପଣ୍ଡିଚେରୀ,*
*ମୋ: ୯୦୪୩୦୮୭୪୫୬*

# ପ୍ରଥମେ ଫ୍ଲପ୍ ପରେ ହିଟ୍

ନୋରା ଫତେହି। ସେ ଏକାଧାରରେ ମଡେଲ, ଡ୍ୟାନ୍ସର, ଅଭିନେତ୍ରୀ ଏବଂ ଗାୟିକା। ତାଙ୍କ ବାପାଙ୍କ ଘର ପଞ୍ଜାବ ହେଲେ ମଧ୍ୟ ନୋରା କାନାଡାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କର ପିଲାଦିନ ସେଠାରେ ହିଁ କଟିଥିଲା। ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଆଉ ସିନେମାଟି ଥିଲା 'ରୋର୍ : ଦ ଟାଇଗର୍ସ ଅଫ ଦ ସୁନ୍ଦରବନ'। କିନ୍ତୁ ସିନେମାଟି ବକ୍ସ ଅଫିସରେ ଫ୍ଲପ ହୋଇଥିଲା। ତେବେ ଠିକ୍ ତା' ପରେ ପରେ ସତେ ଯେମିତି ନୋରାଙ୍କ ପ୍ରତି ଭାଗ୍ୟଦେବୀ ପ୍ରସନ୍ନ ହେଲେ। ଆଉ ତାଙ୍କୁ ଆଠୋଟି ଅଫର୍ ମିଳିଥିଲା। ଚଳଚ୍ଚିତ୍ରରେ ଅଭିନୟ କରିବା ସହ ସେ କେତୋଟି ରିୟାଲିଟି ଶୋ'ରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିଲେ। କ୍ୟାରିୟରର ପ୍ରଥମାର୍ଦ୍ଧରେ କେତେକେ ତାଙ୍କୁ ଆଇଟମ୍ ନମ୍ବରରେ ନାଚିବାକୁ କହିଥିଲେ। ହେଲେ ସେ ଏହାକୁ ଗ୍ରହଣ କରି ନ ଥିଲେ। ନୋରାଙ୍କ ପରିବାର ସଦସ୍ୟଙ୍କର ଇଚ୍ଛା ଥିଲା ସେ ଚାକିରି କରନ୍ତୁ। ହେଲେ ସେ ପ୍ରଥମେ ମଡେଲିଂ ଏବଂ ପରେ ଆକ୍ଟିଂକୁ ଆପଣେଇ ନେଇଥିଲେ। ନିଜର ସଂଘର୍ଷମୟ ଜୀବନରେ ସେ ରୋଜଗାର କରିବାକୁ ରିସେପସନିଷ୍ଟ ଏପରି କି ଟେଲିକଲର୍ ଭାବରେ ମଧ୍ୟ କାମ କରିଥିଲେ। ଦିଶା ପଟାନି ହେଉଛନ୍ତି ତାଙ୍କର ଅନ୍ତରଙ୍ଗ ବାନ୍ଧବୀ।


ନୋରା

# ଲୁକି ହେଲେଣି ଅଭିମନ୍ୟୁ

ସୁରଜ ବଡଜାତ୍ୟାଙ୍କ ନିର୍ଦ୍ଦେଶିତ 'ମୈନେ ପ୍ୟାର୍ କିୟା'ରେ ସଲମାନ ଖାଁଙ୍କୁ ସୋଲୋ ନାୟକ ଭାବରେ ବ୍ରେକ୍ ମିଳିଥିଲା। ଏଥିରେ ତାଙ୍କର ନାୟିକା ସାଜିଥିଲେ ଭାଗ୍ୟଶ୍ରୀ। ଫିଲ୍ମଟି ସୁପର ହିଟ୍ ହୋଇଥିଲା ଆଉ ବଲିଉଡ୍‌ରେ ସଲମାନ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ହେଲେ ଭାଗ୍ୟଶ୍ରୀଙ୍କ ଅଭିନୟ ଜୀବନ ମାତ୍ର କେଇଟା ସିନେମାରେ ସୀମିତ ହୋଇଯାଇଥିଲା। ଏଇ କିଛିବର୍ଷ ପୂର୍ବେ ତାଙ୍କ ପୁଅ ଅଭିମନ୍ୟୁ ଦଶାନି ମଧ୍ୟ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଛନ୍ତି। ଆକ୍ସନଭିତ୍ତିକ ଫିଲ୍ମ 'ମର୍ଦ୍ଦ କୋ ଦର୍ଦ୍ଦ ନେହିଁ ହୋତା' ଥିଲା ତାଙ୍କର ପ୍ରଥମ ଚଳଚ୍ଚିତ୍ର। କିନ୍ତୁ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇ ନ ଥିଲେ। ସିନେମାଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ କରିପାରି ନ ଥିଲା। ତେବେ କିଛି ବର୍ଷର ଗ୍ୟାପ୍ ପରେ ଏବେ ତାଙ୍କ ହାତରେ ଦୁଇଟି ଅଫର ରହିଛି। ଏ ନେଇ ଅଭିମନ୍ୟୁ କହନ୍ତି, 'ଏହି ଦୁଇଟି ଅଫର୍‌କୁ ନେଇ ମୁଁ ବେଶ୍ ଆଶା ରଖିଛି। କାରଣ ଏଗୁଡିକର କାହାଣୀ ମୋତେ ପ୍ରଭାବିତ କରିଛି। ଆଗକୁ ମଧ୍ୟ ଦେଖି ଚାହିଁ ସିନେମା ସାଇନ୍ କରିବି। ତରବର ହୋଇ କିଛି ନିଷ୍ପତ୍ତି ନେବି ନାହିଁ।'


ଅଭିମନ୍ୟୁ

# ଲକି ନମ୍ବର

ଲକି ନମ୍ବର ଉପରେ ଅନେକ ବିଶ୍ୱାସ କରିଥାଆନ୍ତି। ଆଉ ଏବେ ଏପରି ଏକ ନମ୍ବର ପାଇଁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି ବଲିଉଡ୍‌ର ଏଲିଜବୁଲ୍ ବ୍ୟାଚେଲର ରଣବୀର କପୁର ଏବଂ ତାଙ୍କର ଲଭ୍ ବାର୍ଡ ଆଲିୟା ଭଟ୍ଟ। କଥା କ'ଣ କି ଦୁହେଁ ଏବେ ଏକା ପ୍ରକାର ରିଂ ପିନ୍ଧିଛନ୍ତି। ତା'ସହ ଏଥିରେ ଆଉ ଏକ ରୋମାଞ୍ଚକର କଥା ଲୁଚି ରହିଛି। ଏହି ଦୁଇ ରିଂରେ ଏକାପ୍ରକାର ନମ୍ବର ରହିଛି। ତାହା କେତେ ଜାଣନ୍ତି ? ଆଠ। ନିକଟରେ ଏକ ଏୟାରପୋର୍ଟରୁ ଫେରିବା ସମୟରେ ଦୁହିଁଙ୍କର କେତେ ଜଣ ସାମ୍ବାଦିକଙ୍କ ସହ ସାମ୍ନାସାମନି ହୋଇଯାଇଥିଲା। କ୍ୟାରିୟର ସମ୍ପର୍କରେ ଆଲୋଚନା ହେଉ ହେଉ ଜଣେ ସାମ୍ବାଦିକ ତାଙ୍କର ରିଂକୁ ଦେଖି ତା'ଉପରେ ପ୍ରଶ୍ନ ପଚାରିବା ଆରମ୍ଭ କରିଥିଲେ। ହେଲେ ଏହି ରିଂ ପଛରେ ସେପରି କିଛି ସ୍ପେଶାଲ ନାହିଁ ବୋଲି ସଫେଇ ଦେଇଥିଲେ ଆଲିୟା। ହେଲେ ଏ ନେଇ କିଛି କହିବାକୁ ମନା କରିଦେଇଥିଲେ ରଣବୀର। କେବଳ ମୁରୁକି ହସି ଦେଇ 'ଅଲ୍ ଇଜ୍ ୱେଲ୍' କହି କାର୍ ଆଡକୁ ଆଗେଇଥିଲେ ସେ। ତେବେ ଦୁହେଁ ଏକାପ୍ରକାର ରିଂ ପିନ୍ଧିବା ପୁଣି ସେଥିରେ 'ଆଠ' ଖୋଦେଇ ହେବା ପଛରେ କି ରହସ୍ୟ ରହିଛି ତାହା କେବଳ ରଣବୀର ଏବଂ ଆଲିୟାଙ୍କୁ ହିଁ ଜଣା।


ଆଲିୟା-ରଣବୀର


ଆଶିଷ-ଲିପ୍‌ସା

# ଏ ମନ ଖୋଜୁଥାଏ ଯାହା

କଥାରେ ଅଛି- ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ବଡ଼ ପରଦାରେ ମୁହଁ ଦେଖାଇବାକୁ ଅନେକେ ଆଶା ରଖିଥାଆନ୍ତି। ହେଲେ ସମସ୍ତଙ୍କ ଆଶା କ'ଣ ପୂରଣ ହୁଏ। ଏ କ୍ଷେତ୍ରରେ ବିଫଳ ହେବାର ତାଲିକା ମଧ୍ୟ ବେଶ୍ ଲମ୍ବା। ହେଲେ ନିଜର ଏପରି ଆଶା ପୂରଣ କରିବାରେ ସକ୍ଷମ ହୋଇଛନ୍ତି ନବାଗତ ଆଶିଷ। ସିନେମାଟି ହେଲା 'ଦିଲ୍ କହେ ଲଭ୍ ୟୁ ଲଭ୍ ୟୁ'। ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହୃଦୟରୁ ପ୍ରେମର ସୃଷ୍ଟି। ଏହି ହୃଦୟ ବା ଦିଲ୍ ଯେତେଦିନ ନିର୍ମଳ ରହେ ପ୍ରେମ ସେତେ ଗାଢ଼ ରହିଥାଏ। ଏହା ଭିତରେ ଲୁଚି ରହିଥିବା ଅନେକ କଥା ପାଟିରେ କହି ନ ହେଲେ ମଧ୍ୟ ଆଖିରୁ ଜଣାପଡିଯାଏ। ତେବେ ନିଜ ପ୍ରେମ ପାଇଁ ଏହି ପ୍ରେମୀ ଯୁଗଳ କେତେ ସମର୍ପିତ ଆଉ ତାହାକୁ ସଫଳ କରିବାକୁ ସେମାନେ କିପରି ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି ଏବଂ ତାହାକୁ ସାହସର ସହ ସାମନା କରୁଛନ୍ତି ତାହାକୁ ଆଧାର କରି ଏହି ଫିଲ୍ମର କାହାଣୀ ଗତିଶୀଳ। ସାଇଶ୍ରୀ ଫିଲ୍ମସ ଏବଂ ଏ.ପି. ପ୍ରଡକ୍ସନ ବ୍ୟାନରରେ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଆଶିଷ ପ୍ରତାପ ସାମଲ। କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିବେକ କୁମାର। ସତ୍ୟ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ବୈଦନାଥ ଦାଶ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସୌମ୍ୟା ପାଢ଼ୀ ଏବଂ ଗୌରବ। ଏହି ଫିଲ୍ମରେ ଆଶିଷଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଲିପ୍‌ସା ମିଶ୍ର। ଏମାନଙ୍କ ବ୍ୟତୀତ ଇପ୍‌ସିତା, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ଶଙ୍କର, ପରୀ, ଲକ୍ଷ୍ମୀପ୍ରିୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ପ୍ରଶଂସା ଅନ୍ତରାଳେ...

ଏବେ କ୍ରିତି ସାନନ୍‌ଙ୍କ ମୁହଁରେ ବରୁଣ ଧାୱନଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଯୁଆଡେ ଗଲେ ତାଙ୍କର ଏମିତି ଗୁଣ ଗାନ କରୁଛନ୍ତି ଶୁଣୁଥିବା ଲୋକ ତାଜୁବ। କଥା କ'ଣ କି ଏହି ଯୋଡି ଏବେ ଶୁଟିଂ ଚାଲିଥିବା ସିନେମା 'ଭେଡିୟା'ରେ ଅଭିନୟ କରୁଛନ୍ତି। ଏହାର ନନ୍ ଷ୍ଟପ ଶୁଟିଂ ବର୍ତ୍ତମାନ ଅରୁଣାଚଳ ପ୍ରଦେଶରେ ଚାଲୁ ରହିଛି। ନିକଟରେ ଏହାର ଶୁଟିଂ ବ୍ରେକ୍ ସମୟରେ ବରୁଣଙ୍କୁ ଭୁରି ଭୁରି ପ୍ରଶଂସା କରିବାକୁ ପଛାଇ ନ ଥିଲେ କ୍ରିତି। ଏ ସମ୍ପର୍କରେ ସେ କହନ୍ତି, 'ଜଣେ କଳାକାରଙ୍କୁ ଅନ୍ୟ ଜଣେ ପ୍ରଶଂସା କରିବା କିଛି ଭୁଲ ନୁହେଁ। କାରଣ ତାହାର ଭଲ ଗୁଣ ବିଷୟରେ ଜଣେ ଅବଗତ ହେଲା ପରେ ହିଁ ପ୍ରଶଂସା କରିଥାଏ। ସବୁଠାରୁ ଖାସ୍ କଥା ହେଲା, ବରୁଣଙ୍କ ଆକ୍ଟିଂ ମୋତେ ବେଶ୍ ଇମ୍ପ୍ରେସ କରିଛି। ଏହି ଫିଲ୍ମରେ ତାଙ୍କ ସହ ମୋର କେମେଷ୍ଟ୍ରି ବେଶ୍ ଜମିବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ସେ ଜଣେ ଜେଣ୍ଟଲମ୍ୟାନ୍। ଅଭିନୟ ଦକ୍ଷତା ତାଙ୍କଠାରେ ଭରି ରହିଛି। ଭବିଷ୍ୟତରେ ଯଦି ତାଙ୍କ ସହ ଆକ୍ଟିଂ କରିବାକୁ ମୋତେ ପୁଣି ଥରେ ସୁଯୋଗ ମିଳେ ତେବେ ମନା କରିବି ନାହିଁ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଅମର କୌଶିକ।


କ୍ରିତି

# ଅଭୁଲା ପାଞ୍ଚ ବର୍ଷ

ଦୀପିକା ଯେତେ ଚାହିଁଲେ କ'ଣ ହେବ, ସେହି ପାଞ୍ଚ ବର୍ଷକୁ ଭୁଲି ପାରୁନାହାନ୍ତି। ଆହା ! ସେ ସୁନେଲି ସମୟକୁ ମନେ ପକାଇଲେ ଏବେ ବି ମନରେ ଶିହରଣ ଖେଳିଯାଉଛି। ହେଲେ ସେହି ପାଞ୍ଚ ବର୍ଷରେ ଏମିତି କ'ଣ ଘଟିଥିଲା ଯେ, ତାହା ଦୀପିକାଙ୍କ ବ୍ୟକ୍ତିଗତ ଜୀବନରେ ଏକ ଅଭୁଲା ଅଧ୍ୟାୟ ହୋଇ ରହିଯାଇଛି। ଏ ବିଷୟରେ ଜାଣିବା ପରେ କେବଳ ଦୀପିକା କ'ଣ ଯିଏ ଶୁଣିବ ତାହାକୁ ସହଜରେ ଭୁଲି ପାରିବ ନାହିଁ। କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା, ପ୍ରେମିକ ରଣବୀର ସିଂଙ୍କୁ ପତି ଭାବରେ ଗ୍ରହଣ କରିବା ପୂର୍ବରୁ ଦୁହିଁଙ୍କ ଭିତରେ ବେଶ୍ କିଛି ବର୍ଷ ଧରି ରୋମାନ୍ସ ଚାଲିଥିଲା। ପୁଣି ଦୁହିଁଙ୍କ ଆଫେୟାର୍ସ ସେ ସମୟରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଏହି ପ୍ରେମୀ ଯୁଗଳ ୨୦୧୮ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏପରି ସ୍ମୃତି ସମ୍ପର୍କରେ ଦୀପିକା କହନ୍ତି, 'ଯାହା କହନ୍ତୁ ନା କାହିଁକି ସେହି ସୁନେଲି ପାଞ୍ଚ ବର୍ଷକୁ ମୁଁ କଦାପି ଭୁଲି ପାରିବି ନାହିଁ। କାରଣ ଏହି ସମୟ ହିଁ ମୋ ସ୍ୱପ୍ନକୁ ସତରେ ପରିଣତ କରିବାରେ ସାହାଯ୍ୟ କରିଛି। ଏତିକି କହିବି, ମୁଁ ମୋ ମନ ପସନ୍ଦର ମଣିଷ ସହ ଘର ସଂସାର କରିଛି।' ସୂଚନାଯୋଗ୍ୟ କବୀର ଖାଁଙ୍କ ନିର୍ଦ୍ଦେଶନାରେ ବିଶିଷ୍ଟ କ୍ରିକେଟ ଖେଳାଳି କପିଳ ଦେବଙ୍କ ଉପରେ ନିର୍ମିତ ବାୟୋପିକ୍ '୮୩'ରେ ରଣବୀର-ଦୀପିକା ଯୋଡ଼ି ଅଭିନୟ କରିଛନ୍ତି ଏବଂ ଫିଲ୍ମଟି ଜୁନ୍ ୪ରେ ରିଲିଜ ହେବାର ଯୋଜନା ରହିଛି।


ଦୀପିକା

# କାଆଁଳିଆ ଖରାକୁ ଟିପି ଟିପି ବର୍ଷା, ସୋନିକୁ ପ୍ରେମ କଲେ ମୁନି କରେ ଈର୍ଷା

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ–ସୋନି, ମୁନି ମନ ପ୍ରାଣ ଦେଇ ଭଲ ପାଉଛନ୍ତି। ପ୍ରଥମେ ମୁଁ ସୋନି ପ୍ରେମରେ ପଡ଼ିଥିଲି। ହେଲେ ମାସ କେଇଟା ପରେ ମୁନିର ପ୍ରେମ ଜାଲରେ ବାନ୍ଧି ହୋଇଯାଇଛି। ହେଲେ ମୁଁ ଦେଖୁଛି ସୋନି ସହ ମୋ ସମ୍ପର୍କକୁ ମୁନି ଇର୍ଷା କରୁଛି। କ'ଣ କରିବି ?

*–ପ୍ରବୀର, ଭବାନିପାଟଣା*

**ଉତ୍ତର:** ଏକାଥରେ ଦୁଇ ସୁନ୍ଦରୀଙ୍କୁ ପ୍ରେମ ଜାଲରେ ବାନ୍ଧି ରଖିଛନ୍ତି–ଏଇଟା ଛୋଟିଆ କଥା ନୁହେଁ। ହେଲେ ଏଥିରେ ବାଲାନ୍ସ ମେଣ୍ଟେନ କରି ଚାଲିଲେ ହୁଏତ ଏଭଳି ପ୍ରେମ ମିଠା ଲାଗେ। ହେଲେ ଏଭଳି ପ୍ରେମରେ ସକ୍‌ସେସ୍ ହେବ ତାହାର ଗ୍ୟାରେଣ୍ଟି କିଏ ଦେବ କହିଲେ ? ଦେଖୁନାହାନ୍ତି, ସୋନିକୁ ଆପଣ ପ୍ରେମ କରୁଛନ୍ତି ଦେଖି ମୁନି କେମିତି ଇର୍ଷା କରୁଛି ? 'କଅଁଳିଆ ଖରାକୁ ଟିପି ଟିପି ବର୍ଷା, ସୋନିକୁ ପ୍ରେମ କଲେ ମୁନି କରେ ଇର୍ଷା'। ଦୁଇ ନାଆରେ ଗୋଡ ରଖିଲେ ତାହାର ପରିଣାମ କେତେବେଳେ କ'ଣ ହେବ ତାହା ନିଜେ ଆକଳନ କରିପାରିବେ ନାହିଁ। ତେଣୁ ଦୁଇ ଜଣଙ୍କ ମଧ୍ୟରୁ କାହାକୁ ପରମାନେଣ୍ଟ ମନର ରାଧିକା କରି ରଖିବେ ତାହା ତୁରନ୍ତ ଫାଇନାଲ କରନ୍ତୁ। ନ ହେଲେ ପ୍ରେମର ଗୋଳିଆ ପାଣିରେ ଏମିତି ଘାଣ୍ଟି ହେଉଥିବେ।

**ପ୍ରଶ୍ନ**–କଥାରେ ଅଛି ମନ କଥା ମନ ବୁଝେ। ହେଲେ ମନର ମାନସୀଟିଏ ପାଇବା ଏତେ ସହଜ ହୁଏ ନାହିଁ କାହିଁକି ?

*–ଅମର ଦାସ, ଖୋର୍ଦ୍ଧା*

**ଉତ୍ତର:** ମନ କଥା ମନ ବୁଝେ–ହେଲେ ସେପରି ମନଟିଏ ପାଇବା କ'ଣ ଏତେ ସହଜ କଥା ? ବାକି ରହିଲା ମନର ମାନସୀଟିଏ ମିଳିବା–ଏକଥା କହିଦେଲେ ତ ହେବ ନାହିଁ, ସେଭଳି ତରୁଣୀଟିଏ ପ୍ରଥମେ ବାଛନ୍ତୁ। ତା' ମନର ପରିଭାଷାକୁ ଭଲ ଭାବରେ ତର୍ଜମା କରନ୍ତୁ। ତା' ଚାହାଣୀରେ ପ୍ରେମର ଇସାରା ଲୁଚି ରହିନାହିଁ ତ ? ଯଦି ହଁ, ତେବେ ବିଳମ୍ବ ନ କରି ତା' ସାମନାରେ ଆପଣଙ୍କ ମନର କଥାକୁ ଉଗାଳି ପକାନ୍ତୁ। ଯଦି ମନରେ ମନ ମିଶିଗଲା, ତେବେ ଜାଣିନିଅନ୍ତୁ ଯେ ଯାହାକୁ ଏତେଦିନ ଧରି ଅପେକ୍ଷା କରିଥିଲେ ତାହା ଆପଣଙ୍କୁ ମିଳିଯାଇଛି।

**ପ୍ରଶ୍ନ**–ଆଜିକାଲି ଅନେକ ପିଲା ପ୍ରେମ ନିଶାରେ ବାଟ ବଣା ହୋଇ ନିଜର ଭବିଷ୍ୟତକୁ ନଷ୍ଟ କରୁଛନ୍ତି। ସେମାନେ ଏମିତି କାହିଁକି କରୁଛନ୍ତି ?

*–ଜିତେନ୍ଦ୍ର କୁମାର, କଟକ*

**ଉତ୍ତର:** ପ୍ରେମ କରିବା ପୂର୍ବରୁ ବୁଦ୍ଧି ଖଟାଇବା ଦରକାର। ପ୍ରେମ ନିଶାରେ ଅନ୍ଧ ହୋଇ ଅବାଟରେ ଗଲେ ତାହାର ପରିଣାମ ଭୋଗିବା ଥୟ। ତେଣୁ ପ୍ରେମ କରିବା ପୂର୍ବରୁ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ପ୍ରେମର ରଙ୍ଗୀନ ଦୁନିଆରେ ଉଡି ବୁଲିବା ସହ ନିଜର ଭବିଷ୍ୟତ ପ୍ରତି ଧ୍ୟାନ ଦେବା ଜରୁରୀ। ଯଦି ଏକଥା ବୁଝି କେହି ଅବୁଝା ପରି ହୁଅନ୍ତି ତେବେ କଥାଟି ନିଜ ଗୋଡରେ ନିଜେ କୁରାଢ଼ି ମାରିବା ପରି ହୋଇଥାଏ। ତେଣୁ ଏତିକି ମନେ ରଖନ୍ତୁ–ଯେମିତି କର୍ମ ସେମିତି ଫଳ।

**ପ୍ରଶ୍ନ**–ସେହି ନୀଳ ନୟନା ମୋତେ ଆନମନା କରିଦେଇଛି। ସେ କେବେ ଆସି ମୋ ହୃଦୟର ଏକ ସ୍ୱତନ୍ତ୍ର ସ୍ଥାନରେ ବସା ବାନ୍ଧିବ କହିବେ କି ସାଥୀ ?

*–ଅନିକେତ ରାଉତ, ଯାଜପୁର*

**ଉତ୍ତର:** ଯେଉଁ ନୀଳ ନୟନା ଆପଣଙ୍କୁ ଆନମନା କରିଛି ସେ ଆପଣଙ୍କୁ ପ୍ରେମିକ ଭାବରେ ଚଏସ୍ କରିଛି ତ ? ପ୍ରଥମେ ଏହି ପ୍ରଶ୍ନର ଉତ୍ତର ଖୋଜନ୍ତୁ। ଯଦି ଏହାର ଉତ୍ତର 'ହଁ' ଆସିଲା ତେବେ ଭଲ। ଯଦି ନେଗେଟିଭ ରହିଲା ତେବେ ଭାବିନିଅନ୍ତୁ ଯେ ଆପଣ ମରିଚିକା ପଛରେ ଗୋଡାଉଛନ୍ତି। ପ୍ରେମର ଅସଲ ମଜା ଚାଖିବା ପୂର୍ବରୁ ପ୍ରେମୀ ଯୁଗଳଙ୍କ ମନ ଏକାଠି ହୋଇଥିଲେ ସେହି ସ୍ୱାଦ ଭାରି ମିଠା ଲାଗେ ଆଉ ପ୍ରେମରେ ସକସେସ୍ ହେବା ପର୍ଯ୍ୟନ୍ତ ରହିଥାଏ।




## ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଟଙ୍କା ଘରେ ଦେଇଥିଲି



ସାମାଜିକ କର୍ମୀ ସଂଗ୍ରାମ କେଶରୀ ସାମନ୍ତରାୟ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଓରବରସିଂହ ଗ୍ରାମପଞ୍ଚାୟତ ଅଧୀନ ରାୟପୁର ଗାଁରେ ମୋ ଜନ୍ମ। ଶିକ୍ଷାଗତ ଯୋଗ୍ୟତା ଇତିହାସରେ ଏମ୍.ଏ.। ଅବଶ୍ୟ ପାଠପଢ଼ା ସରିବା ପରେ ବେଶ୍ କିଛିଦିନ ଗାଁରେ ରହି ଜେଜେବାପା, ବାଦାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିଥିଲି। ତା'ସହିତ କୁଟା, ପାଳ ଓ ନଡ଼ା ସାହାଯ୍ୟରେ ସୁନ୍ଦର ସୁନ୍ଦର ଗ୍ରୀଟିଙ୍ଗ୍ କାର୍ଡ ତିଆରି କରିବାର ଅଭ୍ୟାସ ଥିବାରୁ ତାକୁ ନେଇ ସେ ସମୟରେ ଏକ ବ୍ୟବସାୟ ବି କରିଥିଲି। ସେଥିରୁ ମୋର ପ୍ରାୟ ୫୬ ହଜାର ଟଙ୍କା ଲାଭ ହୋଇଥିଲା ; ଯାହାକୁ ଘରେ ଦେଇଥିଲି। ଚାହିଁଥିଲେ ଏହି ବ୍ୟବସାୟକୁ ଆହୁରି ବ୍ୟାପକ କରି ସେଥିରେ କ୍ୟାରିୟର୍ କରିପାରିଥାନ୍ତି, ହେଲେ ମୋର ଲକ୍ଷ୍ୟ ଥିଲା ଭିନ୍ନ। ଅସହାୟଙ୍କୁ ସହାୟତା କରିବା, ବିଭିନ୍ନ ପ୍ରକାର ସମାଜମଙ୍ଗଳ କାର୍ଯ୍ୟ ଯେମିତିକି ଗଛ ଲଗାଇବା, ଗାଁ ରାସ୍ତାଘାଟ ଓ ପୋଖରୀ ସଫା କରିବା ଇତ୍ୟାଦି ପ୍ରତି ମୋର ପିଲାଟି ଦିନରୁ ରୁଚି ରହିଆସିଥିଲା। ତେଣୁ ସେହି ଦିଗରେ କିଛି କରିବାକୁ ଚିନ୍ତା କରି ୨୦୦୦ ମସିହାରେ 'ଅଭିଯାନ' ନାମରେ ମୁଁ ଏକ ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଜୀବନ ଶୈଳୀର ବିକାଶ। ପାଖାପାଖି ୪ ବର୍ଷ ଏହି ଅନୁଷ୍ଠାନ ଚଳାଇ ଗାଁରେ ବହୁ ଉନ୍ନତିମୂଳକ କାମ କରିବା ପରେ ୨୦୦୪ରେ ବିଶିଷ୍ଟ ସାମାଜିକ କର୍ମୀ ଡ.ଏସ୍.ଏନ୍.ସୁବାରାଓ (ଭାଇ ଜି) (ଜାତୀୟ ଯୁବ ପ୍ରକଳ୍ପର ନିର୍ଦ୍ଦେଶକ)ଓ ରାଜଗୋପାଳ ପି.ଭି. (ଏକତା ପରିଷଦର ସଂସ୍ଥାପକ)ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲି। ସେମାନଙ୍କ ସହ ଭେଟ ହେବାପରେ ମୋ ଭିତରେ ଏକ ବିରାଟ ପରିବର୍ତ୍ତନ ଆସିଥିଲା, ଆଉ ମୁଁ ବିଭିନ୍ନ ରାଜ୍ୟକୁ ଯାଇ ଗାନ୍ଧୀ ବିଚାରଧାରା ଉପରେ ତାଲିମ ନେଇଥିଲି। ପରେ ପରେ ଏକତା ପରିଷଦ (ଭୂମି ଅଧିକାର ଅଭିଯାନ ପାଇଁ ସାରା ଦେଶ ଓ ସାରା ବିଶ୍ୱରେ କାମ କରୁଥିବା ଏକ ଗଣ ସଂଗଠନ)ର ପଞ୍ଚାୟତ କାର୍ଯ୍ୟକର୍ତ୍ତା ଭାବେ ଖୋର୍ଦ୍ଧାରେ ୨୦୦୬ ମାର୍ଚ୍ଚରେ ଯୋଗ ଦେଇଥିଲି। ସେତେବେଳେ ଏହି ସଂଗଠନ ତରଫରୁ ମାସକୁ ୧୮୦୦ ଟଙ୍କା ଦରମା ମିଳୁଥିଲା। ସେହି ବର୍ଷ ଶେଷ ବେଳକୁ ଷ୍ଟେଟ୍ ୟୁଥ୍ କୋ–ଅର୍ଡିନେଟର୍ ଭାବେ ଉକ୍ତ ସଂଗଠନ ତରଫରୁ ମୋତେ ନୂଆ ଦାୟିତ୍ୱ ଦିଆଗଲା। ତା'ପରେ ୨୦୦୮ରୁ ୨୦୧୬ ଯାଏ ମୁଁ ନ୍ୟାଶନାଲ୍ ୟୁଥ୍ କୋ–ଅର୍ଡିନେଟର୍ ଭାବେ ଦାୟିତ୍ୱ ସମ୍ଭାଳିଥିଲି। ଅବଶ୍ୟ ତା'ରି ଭିତରେ ମୁଁ ସେମାନଙ୍କଠାରୁ ଅନୁମତି ନେଇ ଓଡ଼ିଶାରେ 'ରାଷ୍ଟ୍ରୀୟ ଶାନ୍ତି ଅଭିଯାନ'(ଓଡ଼ିଶାରେ ଶାନ୍ତି, ନ୍ୟାୟ ପ୍ରତିଷ୍ଠା କରିବା ଥିଲା ଯାହାର ମୁଖ୍ୟ ଲକ୍ଷ୍ୟ) ନାମରେ ଏକ କ୍ୟାମ୍ପେନ୍ ଆରମ୍ଭ କରିଥିଲି। ଏହି ଅଭିଯାନର ମୁଁ ଥିଲି ରାଜ୍ୟ ଆବାହକ ଆଉ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୨୬୪ଟି ସହଯୋଗୀ ଅନୁଷ୍ଠାନ ଏଥିରେ ଯୋଡ଼ି ହୋଇଥିଲେ। ଉକ୍ତ ଅଭିଯାନର ଗୋଟିଏ ସ୍ଲୋଗାନ ବି ଥିଲା: 'ଆମେ ଶାନ୍ତି ଚାହୁଁ, ସମସ୍ତେ ଚାହିଁଲେଣି, ଯଦି ଆପଣ ଚାହାନ୍ତି ଆସନ୍ତୁ ମିଳିମିଶି ଓଡ଼ିଶା ପାଇଁ କାମ କରିବା।' ତେବେ ଏହି କ୍ୟାମ୍ପେନ୍‌କୁ ୨୦୧୮ ପର୍ଯ୍ୟନ୍ତ ମୁଁ ଓଡ଼ିଶାରେ ଚଲାଇଥିଲି। ତା'ପରେ ଏହାର ସମସ୍ତ ଦାୟିତ୍ୱ ମୋର କେତେଜଣ ତାଲିମପ୍ରାପ୍ତ ବନ୍ଧୁଙ୍କ ହସ୍ତରେ ଦେଇ ମୁଁ ଓଡ଼ିଶାର ବିଭିନ୍ନ ସ୍ଥାନରେ କେମିତି ସୁରୁଖୁରୁରେ ରକ୍ତଦାନ ଶିବିର ଆୟୋଜନ ହୋଇପାରିବ ସେ କଥା ବୁଝି ଚାଲିଲି। ଏଥିସହିତ ଯେହେତୁ ଆମ ପଞ୍ଚାୟତ ହେଉଛି ଏକ ବନ୍ୟାଞ୍ଚଳ,ତେଣୁ ପ୍ରତିବର୍ଷ ଏଠାରେ ବନ୍ୟା ହୋଇଥାଏ। ଲୋକମାନଙ୍କର ଘରବାଡ଼ି ସହ ଗାଈଙ୍କର ଗୁହାଳ ବି ଭାଙ୍ଗିଯାଏ। ସେତେବେଳେ ସେମାନେ ବହୁ କଷ୍ଟ ଭୋଗିଥାନ୍ତି। ତେଣୁ ଆମେ କେତେଜଣ ବନ୍ଧୁ ମିଶି ଆଲୋଚନା କଲୁ, ଏହି ଅସହାୟ ଗାଈଗୁଡ଼ିକୁ କିପରି ସୁରକ୍ଷା ଦେବା ସହ ପେଟଭରି ମୁଠେ ଖାଇବାକୁ ଦେଇପାରିବୁ। ସେଥିପାଇଁ ଆମେ ୨୦୨୦ ସେପ୍ଟେମ୍ବର ୫ରୁ 'ଅସ୍ଥାୟୀ ଗୋଶାଳା କେନ୍ଦ୍ର' ନାମରେ ଏକ ଅଭିଯାନ ଆରମ୍ଭ କଲୁ। ଧୀରେ ଧୀରେ ଏହି ଅଭିଯାନକୁ ଲୋକମାନେ ପସନ୍ଦ କଲେ ଆଉ ଏହାକୁ ନିରନ୍ତର ଚଲେଇବା ପାଇଁ ସେମାନେ ପ୍ରେରଣା ଦେବାରୁ ପରବର୍ତ୍ତୀ ସମୟରେ ଏହାର ନାମକୁ ବଦଳାଇ 'ମହାତ୍ମା ଗାନ୍ଧୀ ଗୋଶାଳା କେନ୍ଦ୍ର' ରଖିଲୁ। ଗାଈମାନଙ୍କର ଭଲମନ୍ଦ ବୁଝିବା, ସେମାନଙ୍କୁ ପେଟଭରି ଖାଇବାକୁ ଦେବା ଏପରିକି ଗରିବ ଲୋକଟିଏ ଅଭାବ ଯୋଗୁ ଘରେ ରଖିଥିବା ଗାଈଙ୍କର ଭଲରେ ଯତ୍ନ ନ ନେଇପାରିଲେ ସେମାନଙ୍କୁ ସାହାଯ୍ୟ କରିବା ତଥା ଗୋରୁ ଚାଲାଣକୁ ରୋକିବା ହେଉଛି ଏହି ଗୋଶାଳା କେନ୍ଦ୍ରର ମୁଖ୍ୟ ଲକ୍ଷ୍ୟ ; ଯାହାର ସଂଯୋଜକ ଭାବେ ଏବେ ମୁଁ ଦାୟିତ୍ୱ ତୁଲାଉଛି।

*–ଅନ୍ୱିତା*

# ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍



## ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ଏକ ନୂଆ ଟ୍ରେଣ୍ଡ। ସାଧାରଣତଃ ମଙ୍ଗଳସୂତ୍ରକୁ ବେକରେ ପିନ୍ଧା ଯାଉଥିବାବେଳେ ଏହାକୁ କିନ୍ତୁ ପିନ୍ଧାଯାଇଥାଏ ହାତରେ...

**ଶି**ଙ୍ଖା, ସିନ୍ଦୂର ଭଳି ମଙ୍ଗଳସୂତ୍ରକୁ ମଧ୍ୟ ବିବାହିତା ନାରୀର ଗୋଟିଏ ଲକ୍ଷଣ ଭାବେ ବିବେଚନା କରାଯାଇଥାଏ। କଳାମାଳିରେ ଗୁନ୍ଥା ଏହି ମଙ୍ଗଳସୂତ୍ରଟି ବିବାହିତାଙ୍କ ପାଇଁ ସବୁଠୁ ଖାସ୍ ଆଉ ପବିତ୍ର ହୋଇଥାଏ। ଏହାକୁ ମୁଖ୍ୟତଃ ବେକରେ ପିନ୍ଧିବାର ବିଧି ଥିଲା, କିନ୍ତୁ ଏବେର ଏହି ଫ୍ୟାଶନେବଲ୍ ଦୁନିଆରେ ମହିଳାମାନେ ସିମ୍ପଲ୍ ଡିଜାଇନ୍ ମଙ୍ଗଳସୂତ୍ର ପରିବର୍ତ୍ତେ ନୂଆ ନୂଆ ଷ୍ଟାଇଲିଶ୍ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି। ଶୁଣିବାକୁ ମିଳୁଛି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ କୁନ୍ଦ୍ରା କୁଆଡ଼େ ପ୍ରଥମେ ଏହି ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ପିନ୍ଧିଥିବାର ନଜରକୁ ଆସିଥିଲେ। ବାସ୍ ତା'ପରଠୁ ଏହି ଟ୍ରେଣ୍ଡର ଧୀରେ ଧୀରେ ପ୍ରଚଳନ ହେବାକୁ ଲାଗିଥିଲା...

**ଅକ୍ଷରବାଲା ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍:** ନିଜ ଜୀବନସାଥୀଙ୍କ ନାମର ପ୍ରଥମ ଅକ୍ଷରକୁ ନେଇ ଡିଜାଇନ୍ ହୋଇଥିବା ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ବି ପିନ୍ଧିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। ଏହାକୁ ଆପଣ ଶାଢ଼ି ହେଉ କିମ୍ବା ଅନ୍ୟ ଯେ କୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ଆରାମରେ କ୍ୟାରି କରିପାରିବେ।

**ହାର୍ଟ ସେପ୍ ଡିଜାଇନ୍:** ଆଜିକାଲି ଦେଖିବାକୁ ମିଳୁଛି ବାହାଘର ପରେ ନବ ବିବାହିତାମାନେ ଆଉ ବେଶିଦିନ ପର୍ଯ୍ୟନ୍ତ ବେକରେ ମଙ୍ଗଳସୂତ୍ର ପିନ୍ଧିବାକୁ ପସନ୍ଦ କରୁନାହାନ୍ତି। ସେମାନେ ଚାହିଁଲେ ହାର୍ଟ ସେପ୍‌ର ପେଣ୍ଡେଣ୍ଟ ଲାଗିଥିବା ବ୍ରେସ୍‌ଲେଟ୍ ଡିଜାଇନ୍‌ର ମଙ୍ଗଳସୂତ୍ରକୁ ବି ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।

**ଲେୟାର୍ ଡିଜାଇନ୍:** ମାର୍କେଟ୍‌ରେ ଏବେ ସିଙ୍ଗିଲ୍ ହେଉ ଅବା ଡବଲ୍ ଅଥବା ମଲ୍ଟି ଲେୟାର୍ ଡିଜାଇନ୍‌ର ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ବି ମିଳିଲାଣି। ମହିଳାମାନେ ନିଜ ପସନ୍ଦ ମୁତାବକ ଯେ କୌଣସି ଡିଜାଇନ୍‌ର ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

**ପିନ୍ଧିବାକୁ କମ୍ଫଟେବଲ୍:** ଏହି ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍‌କୁ ମହିଳାମାନେ ଯେ କୌଣସି ଆଉଟ୍‌ଫିଟ୍ ଏବଂ ଯେ କୌଣସି ଅକେଜନ୍‌ରେ ଆରାମରେ ପିନ୍ଧିପାରିବେ। କାରଣ ଏହା ପିନ୍ଧିବାକୁ ଯେମିତି କମ୍ଫଟେବଲ୍ ହୋଇଥାଏ ଦେଖିବାକୁ ବି ସେମିତି ଟ୍ରେଣ୍ଡି ଲାଗିଥାଏ।

**ଅଭିନେତ୍ରୀଙ୍କ ପସନ୍ଦ:** କେବଳ ଶିଳ୍ପା ଶେଟ୍ଟୀ ନୁହନ୍ତି, ଅଭିନେତ୍ରୀ ସୋନମ କପୁର ଓ ବିପାଶା ବସୁଙ୍କୁ ବି ଅନେକ ସମୟରେ ଏହି ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍ ପିନ୍ଧିଥିବାର ଦେଖିବାକୁ ମିଳିଥାଏ।


















ଅଭିପ୍ସା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ରୁଟି

ଶିକ୍ଷକ ରାଜୁକୁ– ଜଣେ ମହିଳା ୧ ଘଣ୍ଟାରେ ୫୦ଟି ରୁଟି କରୁଛନ୍ତି। ତେବେ ୩ ଜଣ ମହିଳା ଏକ ଘଣ୍ଟାରେ କେତୋଟି ରୁଟି ତିଆରି କରିବେ ?
ରାଜୁ– ଗୋଟିଏ ବି ନୁହେଁ, କାରଣ ତିନିଜଣ ମିଶି ଗପିବେ ଓ ଚୁଗୁଲି କରିବେ।

## ଜିଲାପି

ପପୁ ରାସ୍ତାକଡ଼ରେ ଜିଲାପି ତିଆରି କରି ବିକୁଥାଏ। ହେଲେ ବଡ଼ପାଟି କରି କହୁଥାଏ ଆଳୁ ନିଅ ଆଳୁ। ଏହା ଦେଖି ମନୋଜ– ଆରେ ଏ କ'ଣ ? ତମେ ଜିଲାପି ବିକୁଛ, ହେଲେ କହୁଛ ଆଳୁ ନିଅ ଆଳୁ।
ପପୁ– ଚୁପ୍ ରୁହ। ନ ହେଲେ ମାଛି ତମ କଥା ଶୁଣି ଚାଲିଆସିବେ।

## ଦୁଇ ମିନିଟ୍

ଯମରାଜ ଜଣେ ମହିଳାଙ୍କୁ– ଚାଲ ତୁମ ସମୟ ହେଇଗଲା।
ମହିଳା– ଦୁଇ ମିନିଟ୍ ଦିଅନ୍ତୁ।
ଯମରାଜ– କାହିଁକି ?
ମହିଳା– ଫେସ୍‌ବୁକ୍‌ରେ ଷ୍ଟାଟସ୍ ଦେବି 'ଟ୍ରାଭେଲିଂ ଟୁ ଯମଲୋକ'।

ଖରାଦିନେ

# ଜଳକ୍ରୀଡ଼ାର ଅନୁଭବ



**ଖରାଦିନେ ଜଳକ୍ରୀଡ଼ାର ମଜା ହିଁ କିଛି ନିଆରା। ଖାସ୍‌କରି ଏଥିପ୍ରତି ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଏହା ଶାରୀରିକ ଫୁର୍ତ୍ତି ଦେବା ସହ ଖୁବ୍ ସୁନ୍ଦର ଅନୁଭୂତି ଦେଇଥାଏ...**

ଖରାଦିନେ, ଯାହା ସବୁଠାରୁ ଆନନ୍ଦ ଓ ଶାନ୍ତି ଦେଇଥାଏ ତାହା ହେଉଛି ପାଣି। ତେଣୁ ଖରାଛୁଟିରେ ଅଧିକାଂଶ ଲୋକ ଏମିତି କୌଣସି ସ୍ଥାନକୁ ବୁଲିଯିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ ସ୍ୱଚ୍ଛ ପରିବେଶ ସାଙ୍ଗକୁ ଶୀତଳ ପବନର ସ୍ପର୍ଶ ମିଳୁଥିବ। ତା'ସାଙ୍ଗକୁ ସ୍କୁବା ଡାଇଭିଂ, ହ୍ୱାଇଟ୍ ୱାଟର୍ ରାଫ୍ଟିଂ, ୱାଟର୍ ସ୍କିଂ, ୱିଣ୍ଡ୍ ସର୍ଫିଂ ଭଳି ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ସୁବିଧା ବି ଥିବ। କାରଣ ଖରାଦିନେ ଏହିସବୁ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ଶାରୀରିକ ଫୁର୍ତ୍ତି ଦେବା ସହ ନିଆରା ଅନୁଭୂତି ଦେଇଥାଏ। ଆସନ୍ତୁ ଜାଣିବା ଏହିସବୁ ଜଳକ୍ରୀଡ଼ାର ସୁବିଧା ଥିବା ସେମିତି କେତୋଟି ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ...





***ସ୍କୁବା ଡାଇଭିଂ:** ଏହି କ୍ରୀଡ଼ାରେ ରୁଚି ରଖୁଥିବା ବ୍ୟକ୍ତିମାନେ ଗଭୀର ଜଳ ଭିତରେ ମାଛ ଭଳି ପହଁରି ପାଣି ଭିତରର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଥାନ୍ତି। କିନ୍ତୁ ଏହି ଜଳକ୍ରୀଡ଼ା ପାଇଁ କେତୋଟି ମୁଖ୍ୟ ଜିନିଷର ଆବଶ୍ୟକତା ରହିଛି; ଯଥା: ୱେଟ୍ ସୁଟ୍, ସ୍କୁବା ମାସ୍କ, ଫିନ୍ (ମାଛର ଡେଣା ସଦୃଶ କୃତ୍ରିମ ପକ୍ଷ), ଏୟାର୍ ସିଲିଣ୍ଡର୍, ସ୍ନୋର୍କେଲ୍ (ଜଳ ଭିତରେ ସନ୍ତରଣକାରୀ ନିଃଶ୍ୱାସନେବା ନିମନ୍ତେ ବ୍ୟବହୃତ ନଳୀ), ଅଣ୍ଡର ୱାଟର୍ ଫ୍ଲାସ୍ ଲାଇଟ୍ ତଥା ଛୁରି ଇତ୍ୟାଦି। ତା'ସହିତ ସ୍କୁବା ଡାଇଭିଂ ପାଇଁ ଠିକ୍ ତାଲିମ ନେଇଥିବା ମଧ୍ୟ ନିହାତି ଜରୁରୀ। ତେବେ ଏହି କ୍ରୀଡ଼ା ପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ପୁଡୁଚେରୀ, ଗୋଆ, ମହାରାଷ୍ଟ୍ରର ତାରକର୍ଲୀ ଇତ୍ୟାଦି ସ୍ଥାନରେ ବେଶ୍ ସୁବିଧା ରହିଛି।

***ହ୍ୱାଇଟ୍ ୱାଟର୍ ରାଫ୍ଟିଂ:** ଜଳର ପ୍ରଖର ସ୍ରୋତରେ ରାଫ୍ଟିଂ ବୋଟ୍ ଉପରେ ବସି ବୋଟିଂ କରିବାକୁ ହ୍ୱାଇଟ୍ ୱାଟର୍ ରାଫ୍ଟିଂ କୁହାଯାଇଥାଏ। ଏହା ଏକ ଲୋକପ୍ରିୟ ଜଳକ୍ରୀଡ଼ା। କିନ୍ତୁ ଏହା ଯେତିକି ଉପଭୋଗ୍ୟ ସେତିକି ବିପଦପୂର୍ଣ୍ଣ ମଧ୍ୟ। ତେଣୁ ଏହି କ୍ରୀଡ଼ାରେ ଯିବା ସମୟରେ ସାଙ୍ଗରେ ଲାଇଫ୍ ଜ୍ୟାକେଟ୍, ୱେଟ୍ ସୁଟ୍, ରାଫ୍ଟିଂ ହେଲ୍‌ମେଟ୍ ତଥା ରେସ୍‌କ୍ୟୁ ଥ୍ରୋ ବ୍ୟାଗ୍ ଇତ୍ୟାଦି ନେଇକି ଯିବା ଆବଶ୍ୟକ। ତେବେ ଋଷିକେଶ, କୁଲ୍ଲୁ-ମନାଲି, ସିକ୍କିମ୍, ଲଦାଖ, କୁର୍ଗ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଇତ୍ୟାଦି ସ୍ଥାନରେ ଏହି କ୍ରୀଡ଼ା ପାଇଁ ରହିଛି ଯଥେଷ୍ଟ ସୁବିଧା ଓ ସୁଯୋଗ।





***ୱିଣ୍ଡ୍ ସର୍ଫିଂ:** ଏହା ବି ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ୱିଣ୍ଡ୍ ସର୍ଫିଂ କରିବାର ମଜା ସେତେ ବଢ଼ିବ। ଏହି କ୍ରୀଡ଼ା ପାଇଁ ଲାକ୍ଷାଦ୍ୱୀପ, ଗୋଆ, ମୁମ୍ବାଇ, ପୁଣେ ଆଦି ହେଉଛି ଉପଯୁକ୍ତ ସ୍ଥାନ।

***ୱାଟର୍ ସ୍କିଂ:** ଏହି କ୍ରୀଡ଼ାରେ ମୁଖ୍ୟତଃ ସ୍କିଂ ରୋପ୍‌ର ଗୋଟିଏ ପାର୍ଶ୍ୱକୁ ହାଇସ୍ପିଡ୍ ବୋଟ୍‌ରେ ବନ୍ଧାଯାଇଥାଏ ଏବଂ ଅନ୍ୟ ପାର୍ଶ୍ୱଟି ସ୍କିଂ କରୁଥିବା ବ୍ୟକ୍ତିଙ୍କ ହାତରେ ଥାଏ। ପାଣିରେ ବୋଟ୍‌ଟି ଚାଲିବାକୁ ଆରମ୍ଭ କରିବା ମାତ୍ରେ ସ୍କିଂ କରୁଥିବା ବ୍ୟକ୍ତି ଜଣଙ୍କୁ ସ୍କିଂ ବୋର୍ଡ ଉପରେ ନିଜ ଶରୀରକୁ ବାଲାନ୍ସ କରି ଛିଡ଼ା ହେବାକୁ ହୋଇଥାଏ। ତେବେ ଗୋଆ, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଶ୍ରୀନଗରରେ ଏହି ଜଳକ୍ରୀଡ଼ା ପାଇଁ ଅନେକ ସୁବିଧା ରହିଛି।

***ସ୍କିମ୍‌ବୋର୍ଡିଂ:** ଏହି ଜଳକ୍ରୀଡ଼ା ମୁଖ୍ୟତଃ ସମୁଦ୍ରର ଲହଡିରେ ଖେଳାଯାଇଥାଏ। ଏହି ଖେଳରେ ରୁଚି ରଖୁଥିବା ବ୍ୟକ୍ତି ଜଣଙ୍କ ସମୁଦ୍ର କୂଳରେ ଗୋଟିଏ ସ୍କିମ୍‌ବୋର୍ଡ ଉପରେ ଠିଆ ହୋଇ ରହିଥାନ୍ତି। ଆଉ ଯା'ଆସ କରୁଥିବା ସମୁଦ୍ରର ଲହଡି ସହ ଶରୀରକୁ ବାଲାନ୍ସ କରି କେତେବେଳେ ପାଣି ଭିତରକୁ ଯାଉଥାନ୍ତି ତ କେତେବେଳେ ବାହାରକୁ ଆସୁଥାନ୍ତି। ଏହା ଏକ ଆନନ୍ଦଦାୟକ ଖେଳ। ଭଲ ଲହଡି ହେଉଥିବା ସମୁଦ୍ରରେ ଏହି ଖେଳ ବେଶ୍ ଆରାମରେ ଖେଳିହୁଏ।

କେବଳ ଏତିକି ନୁହେଁ ପର୍ଯ୍ୟଟକ ଚାହିଁଲେ ପାରାସେଲିଂ, ଫ୍ଲାଏବୋର୍ଡ, ଜେଟ୍ ସ୍କିଂ, କାୟାକିଂ, ୱାଟର୍ ସ୍କେଟିଂ ଭଳି ଆହୁରି ଅନେକ ଜଳକ୍ରୀଡ଼ାର ଭରପୂର ମଜା ମଧ୍ୟ ନେଇପାରିବେ।

### ଜାଣିବା ଜରୁରୀ

-ଯେହେତୁ ଏ ସମସ୍ତ କ୍ରୀଡ଼ା ପାଣିରେ ହିଁ ଖେଳାଯାଇଥାଏ, ତେଣୁ ସୁରକ୍ଷା ଦୃଷ୍ଟିରୁ ପହଁରା ଶିଖିଥିବା ନିହାତି ଆବଶ୍ୟକ; ଯଦ୍ୱାରା ମନୋବଳ ଦୃଢ଼ ହେବା ସହ ବିପଦକୁ ଆଉ ସେତେଟା ଡର ନଥିବ।

-ସେହିପରି ଏହି କ୍ରୀଡ଼ା ସମୟରେ ଲାଇଫ୍ ଜ୍ୟାକେଟ୍ ପରିଧାନ କରିବା ମଧ୍ୟ ଦରକାର।


-ତା'ସହିତ ଯେ କୌଣସି ଜଳକ୍ରୀଡ଼ା ହେଉନା କାହିଁକି ସେ ସମ୍ପର୍କରେ ଉପଯୁକ୍ତ ତାଲିମ ନେଇସାରିବା ପରେ ଯାଇ ପାଣି ଭିତରକୁ ଯିବା କଥା ଚିନ୍ତା କରିବା ଆବଶ୍ୟକ।





# ୫ ମିନିଟରେ ଚିହ୍ନିଲେ ୧୫୦ ଦେଶର ପତାକା




କରୋନା ପାଇଁ ଲକ୍‌ଡାଉନ୍ ଶଟ୍‌ଡାଉନ୍ ହେବା ଯୋଗୁ ପିଲାଙ୍କ ପାଠପଢାରେ ବିଶେଷ କ୍ଷତି ହୋଇଛି। କିନ୍ତୁ ଏହି ସମୟକୁ ଏକ କୁନି ଝିଅ ସଦୁପଯୋଗ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇପାରିଛନ୍ତି। ସେ ହେଉଛନ୍ତି ପ୍ରେଶା ଖେମାନୀ। ଉଜ୍ଜୈନ ହେଉଛି ତାଙ୍କ ନିଜ ଘର। ବାପା ଭରତ ଖେମାନୀ ପୁଣେରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଛନ୍ତି। ତେଣୁ ସେମାନେ ପୁଣେରେ ରହୁଛନ୍ତି। ପ୍ରେଶାଙ୍କ ମା' ସଙ୍ଗିତା କହନ୍ତି, 'ପ୍ରେଶାର ଭୂଗୋଳ ଓ ବିଭିନ୍ନ ଦେଶର ରାଷ୍ଟ୍ରୀୟ ପତାକା ଉପରେ ବହୁତ ଆଗ୍ରହ ଥିଲା। ତେଣୁ ମୋର କେତେକ ସାଙ୍ଗ ତାକୁ ବିଭିନ୍ନ ଦେଶ, ତା'ର ରାଜଧାନୀ ଓ ରାଷ୍ଟ୍ରୀୟ ପତାକା ଫଟୋ ଥିବା ଏକ ବହି ଉପହାରସ୍ୱରୂପ ଦେଇଥିଲେ। ଏହାପରେ ପ୍ରେଶା ରାଷ୍ଟ୍ରୀୟ ପତାକାଗୁଡିକୁ ଭଲରେ ନିରୀକ୍ଷଣ କରି ମନେରଖିବାକୁ ଲାଗିଲା। ତା'ସହ ଧୀରେ ଧୀରେ ୭ଟି ମହାଦେଶରେ ଥିବା ବିଭିନ୍ନ ଦେଶର ରାଜଧାନୀ ନାମ ବି ମନେ ରଖିବାକୁ ଲାଗିଲା।' ନିକଟରେ ମାତ୍ର ୪ ମିନିଟ ୧୭ ସେକେଣ୍ଡରେ ୧୫୦ଟି ଦେଶର ନାମ, ତା'ର ରାଜଧାନୀର ନାମ କହିବା ସହ ରାଷ୍ଟ୍ରୀୟ ପତାକା ଚିହ୍ନି ପ୍ରେଶା ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଏବେ ପ୍ରେଶାଙ୍କ ଲକ୍ଷ୍ୟ ହେଉଛି ବିଭିନ୍ନ ଦେଶର ମୁଦ୍ରା, ଭାଷା ଓ ପ୍ରଧାନମନ୍ତ୍ରୀ/ରାଷ୍ଟ୍ରପତିଙ୍କ ନାମ ମନେରଖିବା।

## କାର୍ଟୁନ କର୍ନର



# ଅଜବ ଏହି ଚେୟାର୍





**ଆରାମ ଦେବା ସହ ଘରର ଲୁକ୍ ବି ବଦଳାଇପାରେ ଚେୟାର୍ । ତେବେ ଆମେ ଏଠାରେ ଯେଉଁ ଚେୟାର୍ କଥା କହୁଛୁ ସେଗୁଡ଼ିକର ଡିଜାଇନ୍ ବହୁତ ଭିନ୍ନ ଓ ଅଜବ । ଯଦି ସେଥିରୁ କିଛିକୁ ଆପଣ ଘରେ ରଖିବେ ଘର ଲାଗିବ ବେଶ୍ ଟ୍ରେଣ୍ଡି । ତା'ସହ ଆପଣ ପାଲଟିଯିବେ ଚର୍ଚ୍ଚାର ବିଷୟ...**

**ଅକ୍ଟୋପସ୍ ଚେୟାର୍:** ଏହି ଚେୟାର ଦେଖିବାକୁ ସତସତିକା ଅକ୍ଟୋପସ୍ ପରି। ତେଣୁ ଏହା ଉପରେ ବସିବାକୁ ଇଚ୍ଛା ନ ହୋଇପାରେ। ହେଲେ ଏହା ବହୁତ ଆରାମଦାୟକ। ଏହାକୁ ଡିଜାଇନ୍ କରିଛନ୍ତି ମାକ୍ସିମୋ ରିଏରା।

**ସ୍ପ୍ଲାଶ୍ ଚେୟାର୍:** ପଥରଟିଏ ପାଣିରେ ପକେଇଲେ ପାଣି ଚାରିଆଡକୁ ଗୋଲାକାର ଭାବେ ତରଙ୍ଗାୟିତ ହୋଇ ଛିଟ୍‌କିଥାଏ। ଏହି ଦୃଶ୍ୟର ସ୍ଲୋ ମୋଶନ୍ ଭିଡିଓ ଯଦି ଦେଖିଥିବେ ଜାଣିପାରିବେ ପଥର ପଡିଥିବା ଜଳର ସେହି ଅଂଶ କିଭଳି ଦେଖାଯାଏ। ଠିକ୍ ସେହିଭଳି ଆକାରର ହେଉଛି ଏହି ଚେୟାର। ମାଇକେଲ୍ ଓ୍ୱେଣ୍ଡେଲ ହେଉଛନ୍ତି ଏହି ଚେୟାରର ଡିଜାଇନର୍।

**ଦି କଟ୍ ଚେୟାର୍:** ଏହି ଚେୟାରର ଥାଏ ମାତ୍ର ଗୋଟିଏ ଭଲ ଗୋଡ଼। ଅନ୍ୟ ତିନି ଗୋଡ଼ ଅଧାରୁ ଭଙ୍ଗା। ଅପ୍ଟିକାଲ ଇଲ୍ୟୁଜନ୍ ପରି ଏହି ଚେୟାର। ଲାଗେ ସତେ ଯେମିତି ଚେୟାରଟି ସାଙ୍ଗେ ସାଙ୍ଗେ ଭାଙ୍ଗି ପଡ଼ିଯିବ। ତେବେ ପ୍ରକୃତରେ ଚେୟାର ଯେଉଁ କାର୍ପେଟ୍ ଉପରେ ଅଛି, ତା'ତଳେ ଏକ ଶକ୍ତ ପ୍ଲେଟ୍ ଅଛି। ତାସହ ଏକ ରଡ୍ ଚେୟାର ସହ ସଂଯୁକ୍ତ ହୋଇ ଚେୟାରକୁ ସନ୍ତୁଳନ ରଖିବାରେ ସାହାଯ୍ୟ କରେ। ଏହାକୁ ଡିଜାଇନ୍ କରିଛନ୍ତି ପିଟର୍ ବ୍ରିଷ୍ଟଲ।

**ଫିଶ୍ ରକିଂ ଚେୟାର:** ଛୋଟ ଛୋଟ ମାଛରେ ତିଆରି ଏହି ଚେୟାର। ଭାବୁଥିବେ ଏହା ବହୁତ ଗନ୍ଧ ହେବା ସହ ବସିବା ଯୋଗ୍ୟ ହୋଇ ନ ଥିବ। କିନ୍ତୁ ପ୍ରକୃତରେ ସେଇୟା ନୁହେଁ। ଚେୟାର ତିଆରି ହୋଇଛି ଆଲୁମିନିୟମର ସାରଡାଇନ୍ ମାଛରେ। ଏହି ମାଛକୁ ଓ୍ୱେଲ୍ଡିଂ କରି ରକିଂ ଚେୟାର୍ ରୂପ ଦିଆଯାଇଛି। ଏହାର ଡିଜାଇନର୍ ହେଉଛନ୍ତି ଟ୍ରିସ୍ଟାନ କୋଚରେନ୍।

**ଚେୟାର୍ ଫର୍ କାଫେ:** ଏହି ଚେୟାର୍ କାଫେ ପାଇଁ ଉଦ୍ଦିଷ୍ଟ। କାରଣ ଉକ୍ତ ଚେୟାର୍ ଦେଖିବାକୁ ସମ୍ପୂର୍ଣ୍ଣ କଫି ମଗ୍ ପରି। ଏହାର ହ୍ୟାଣ୍ଡେଲକୁ ବ୍ୟାଗ୍ କିମ୍ବା ଜ୍ୟାକେଟ୍ ଝୁଲାଇ ରଖିବାକୁ ବ୍ୟବହାର କରିହେବ। ଏହାକୁ ଡିଜାଇନ୍ କରିଛନ୍ତି ସନହାନ୍ ଓନ୍।



**ବ୍ଲୁମ୍ ଚେୟାର୍:** ଏକ ଷ୍ଟିଲ୍‌ର ବେସ୍ ଉପରେ ହାତ ତିଆରି ମାଇକ୍ରୋ ଫାଇବର୍ ଫ୍ୟାବ୍ରିକ୍‌କୁ ଫୋଲ୍ଡ କରି କରି ସିଲାଇ କରାଯାଇ ଏହି ଚେୟାରକୁ ଦିଆଯାଇଛି ଫୁଲ ପରି ଆକୃତି। ଦେଖିଲେ ଲାଗେ ଏହା ସମ୍ପୂର୍ଣ୍ଣଭାବେ ଫୁଟି ଯାଇଥିବା ଏକ ଫୁଲ। ଲାଲ, ସବୁଜ ଓ ହଳଦିଆ ରଙ୍ଗରେ ଆସୁଥିବା ଏହି ଚେୟାରକୁ ଯେ କେହି ଘରେ ରଖିବାକୁ ଚାହିଁବେ। ଏହାକୁ ଡିଜାଇନ୍ କରିଛନ୍ତି କେନେଥ୍ କୋବୋନପୁଇ।


**ହିମ୍ ଓ ହର୍ ଚେୟାର:** ଫାବିଓ ନଭେମ୍ବ୍ରେ ଡିଜାଇନ୍ କରିଛନ୍ତି ଏହି ଚେୟାର୍। ପୁରୁଷ ଓ ନାରୀଙ୍କ ପାଇଁ ସ୍ୱତନ୍ତ୍ରଭାବେ ତିଆରି ଉକ୍ତ ଚେୟାର୍ ପଲିଇଥାଇଲିନ୍‌ରେ ତିଆରି। ଏହାର ଡିଜାଇନ୍ ନଗ୍ନ ପୁରୁଷ ଓ ମହିଳାଙ୍କ ବସିବା ଭଳି ଅଟେ। ଆଉ ଏହାର ଶେପ୍‌କୁ ଦୁଇଟି ପ୍ଲାଷ୍ଟର୍ ସ୍କଲ୍‌ପଚର୍‌ର ଥ୍ରୀ ଡାଇମେନ୍ସନାଲ ସ୍କାନିଂ ଦ୍ୱାରା କରାଯାଇଛି।

**ଟନେଲ୍ ଚେୟାର୍:** ମେଟାଲ୍ ଟ୍ୟୁବ୍‌କୁ ମୋଡି ତା' ଚାରିପଟେ କଳା ରଙ୍ଗର ଇଲାଷ୍ଟିକ୍ ବ୍ୟାଣ୍ଡ ଗୁଡାଯାଇ ତିଆରି କରାଯାଇଛି ଏହି ଚେୟାର। ଏହି ଚେୟାର୍ ଏକ ଟନେଲ ପରି ଦେଖାଯାଏ। ଏହାର ଡିଜାଇନର୍ ନୋଗା ବର୍ମନ ଅଟନ୍ତି।

**ସ୍କଲ୍ ଚେୟାର୍:** ସ୍କଲ ବା ଖପୁରି ଭଳି ଦେଖାଯାଉଥିବା ଏହି ଚେୟାର୍ ଭୟଙ୍କର ଲାଗିପାରେ। ହେଲେ ବସିବାକୁ ବେଶ୍ ଆରାମଦାୟକ।

**ପଜଲ୍ ଚେୟାର୍:** ଏଥିରେ ୧୦ଟି ଚେୟାର ଫ୍ରେମ୍ ଥାଏ। ଆଉ ପ୍ରତି ଫ୍ରେମ୍ କ୍ରମାନ୍ୱୟଭାବେ ଛୋଟ ହୋଇଥାଏ। ସେଗୁଡ଼ିକୁ ଗୋଟିଏ ଉପରେ ଗୋଟିଏକୁ ବଡ଼ରୁ ସାନଭାବେ ଫିଟ୍ କରିହୁଏ। ଫିଟ୍ ହେଲା ପରେ ତାହା ଏକ ପଜଲ୍ ଭଳି ଦେଖାଯାଏ। ଉକ୍ତ ଚେୟାର୍‌କୁ ଡିଜାଇନ୍ କରିଛନ୍ତି ଭିଭିଆନ୍ ଚିଉ।













ବ୍ୟାକ୍ ପେଜ୍



# ଏରୋପ୍ଲେନ୍ ହ୍ୟାଣ୍ଡବ୍ୟାଗ୍‌ର ମୂଲ୍ୟ ଏରୋପ୍ଲେନ୍‌ଠୁ ବେଶି



ଲୁଇସ୍ ଭିଟୋନ୍ ମେନ୍ସୱେର୍‌ର ଆର୍ଟିଷ୍ଟିକ୍ ଡାଇରେକ୍ଟର ଭିର୍ଗିଲ ଅବ୍‌ଲୋହ ଡିଜାଇନ୍ କରିଛନ୍ତି ଏକ ନୂଆ ହ୍ୟାଣ୍ଡବ୍ୟାଗ୍। ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଏହି ହ୍ୟାଣ୍ଡବ୍ୟାଗ୍ ଦେଖିବାକୁ ଏରୋପ୍ଲେନ୍ ପରି। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଏହାର ମୂଲ୍ୟ ସିଙ୍ଗଲ୍ ଇଞ୍ଜିନ୍ ବିଶିଷ୍ଟ ଏରୋପ୍ଲେନ୍‌ଠାରୁ ବି ଅଧିକ। ପ୍ରାୟ ୩୯୦୦୦ଡଲାର ବା ପ୍ରାୟ ୨୯, ୧୫, ୪୪୫ ଟଙ୍କା ହେଉଛି ଏହାର ଦାମ। ଏଥିରେ ଲୁଇସ୍ ଭିଟୋନ୍‌ର ଆଇକୋନିକ୍ ମୋନୋଗ୍ରାମ ଦେଖିବାକୁ ମିଳେ। ସତସତିକା ଏରୋପ୍ଲେନ୍ ଭଳି ଏହି ବ୍ୟାଗର ୱିଙ୍ଗସ୍, ଟେଲ୍ ବି ଅଛି। ଆଉ ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ପେନ୍‌ରେ ଜୀବନ୍ତ ପରଜୀବୀ କୃମି



ପେନ୍ ବା କଲମ ବିଭିନ୍ନ ପ୍ରକାରର ଦେଖିଥିବେ। ଅନେକଙ୍କର ବିଭିନ୍ନ ପ୍ରକାର ପେନ୍ ରଖିବାର ସଉକ ବି ଥାଏ। ଜାପାନରେ ଏଭଳିଏକପେନ୍‌ତିଆରିହୋଇଛି, ଯାହାକୁପେନ୍‌ସଂଗ୍ରହକାରୀ ନିଶ୍ଚୟ ନିଜ ସଂଗ୍ରହରେ ରଖିବାକୁ ଚାହିଁବେ। କାରଣ ଉକ୍ତ କଲମରେ ଏକ ଛୋଟ କାଚର ଟ୍ୟାଙ୍କ ଅଛି, ଯେଉଁଥିରେ ରଖାଯାଇଛି ଜୀବନ୍ତ ପରଜୀବୀ କୃମି। ବେଶ୍ ହଲଚଲ୍ ହୁଅନ୍ତି ଏହି ଲମ୍ବା ଲମ୍ବା ଜୀବନ୍ତ କୃମି। ସାଧାରଣତଃ ଏହି କୃମି ମାଛର ଗ୍ୟାଷ୍ଟ୍ରୋ ଇଣ୍ଟେଷ୍ଟାଇନ୍‌ରେ ଟ୍ରାକ୍ଟରେ ଇନ୍‌ଫେକ୍ସନ କରିଥାନ୍ତି। ତା'ସହ କଞ୍ଚା ତଥା ଅଳ୍ପ ସିଝା ହୋଇଥିବା ସାମୁଦ୍ରିକ ଜୀବ ଖାଉଥିବା ଲୋକ ବି ଏହି କୃମି ପାଇଁ ଇନ୍‌ଫେକ୍ସନର ଶିକାର ହୋଇଥାଆନ୍ତି। ତେଣୁ ଅନେକେ ଏହି କୃମିକୁ ଆଖପାଖରେ ବି ଦେଖିବାକୁ ଚାହିଁବେ ନାହିଁ। ହେଲେ ଏହି ପେନ୍‌ରେ ରହିଛି ସେହି ଇନଫେକ୍ସନ ସୃଷ୍ଟି କରୁଥିବା କୃମି। ଆଶ୍ଚର୍ଯ୍ୟର କଥା ଏହି ବଲ୍‌ପଏଣ୍ଟ ପେନ୍‌ର ଚାହିଦା ଜାପାନରେ ବହୁତ ରହିଛି।

# ମେରିଗୋଲ୍ଡ ଡାଇମଣ୍ଡ ରିଙ୍ଗ



ହାତରେ ବଡ଼ ବଡ଼ ରିଙ୍ଗ ବା ମୁଦି ପିନ୍ଧିବା ଆଜିକାଲି ଫ୍ୟାଶନ୍ ପାଲଟିଗଲାଣି। ଉତ୍ତରପ୍ରଦେଶ, ମିରଟ୍‌ର ଜଣେ ଗହଣା ନିର୍ମାତା ତିଆରି କରିଛନ୍ତି ସେମିତି ଏକ ସୁନ୍ଦର ବଡ଼ ରିଙ୍ଗ। ହେଲେ ଏହାକୁ ପିନ୍ଧିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଏହା ସବୁଠୁ ଅଧିକ ହୀରା ଲାଗିଥିବା ମୁଦିଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ପୂର୍ବରୁ ଏହି ରେକର୍ଡ ହାଇଦ୍ରାବାଦର ଜୁଏଲର୍ କୋଟି ଶ୍ରୀକାନ୍ତଙ୍କ ନାମରେ ଥିଲା। ଯେ କି ୭୮୦୧ ହୀରାଖଚିତ ମୁଦି ତିଆରି କରିଥିଲେ। କିନ୍ତୁ ମିରଟ୍‌ର ଜୁଏଲର୍ ହର୍ଷିତ ବଂଶଲ 'ମେରିଗୋଲ୍ଡ ଡାଇମଣ୍ଡ ରିଙ୍ଗ' ନାମକ ମୁଦି ତିଆରି କରି ସେହି ରେକର୍ଡ ଭାଙ୍ଗିଛନ୍ତି। ୮ ଲେୟରବିଶିଷ୍ଟ ଏହି ମୁଦି ୧୬୫.୪୫ଗ୍ରାମର ଅଟେ। ଏଥିରେ ୩୮.୦୮ କ୍ୟାରେଟ୍‌ର ୧୨, ୬୩୮ଟି ହୀରା ଖଚିତ ହୋଇଛି। ହର୍ଷିତ କହନ୍ତି, 'ମୁଁ ଓ ମୋ ପତ୍ନୀ ୨୦୧୮ରେ ଅଧିକ ହୀରାଖଚିତ ମୁଦି ସମ୍ପର୍କରେ ପଢିଥିଲୁ। ଏହାପରେ ହିଁ ନିଜେ ସବୁଠାରୁ ଅଧିକ ହୀରାଖଚିତ ମୁଦି ତିଆରି କରିବାକୁ ନିଷ୍ପତ୍ତି ନେଲି। ଆଉ ସେହି ବର୍ଷ ମୁଦି ତିଆରି କାମ ଆରମ୍ଭ କଲି। ୨୦୨୦ରେ ଏହାର ତିଆରି ସରିଲା। ଏଥିରେ ବ୍ୟବହୃତ ସବୁ ହୀରାକୁ ଆମେ ଭଲଭାବେ ପରୀକ୍ଷଣ କରିଛୁ। ଏସବୁ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଅଟେ। ମୁଦିକୁ ଇଣ୍ଟରନ୍ୟାଶନାଲ ଜେମୋଲୋଜିକାଲ ଲାବରେଟୋରି ଦ୍ୱାରା ମଧ୍ୟ ସ୍ୱୀକୃତି ମିଳିଛି। ତେବେ ପ୍ରାରମ୍ଭରେ ମୁଦିର ଡିଜାଇନ୍ କେଉଁଭଳି କରିବି ଭାବି ପାରୁ ନ ଥିଲି। ଶେଷରେ ନିଜ ବଗିଚାରୁ ହିଁ ଡିଜାଇନ୍ ମିଳିଥିଲା। ଦିନେ ବଗିଚାର ଏକ ଗେଣ୍ଡୁ ଫୁଲ ମତେ ଆକର୍ଷିତ କରିଥିଲା। ଆଉ ତାକୁ ଛିଣ୍ଡାଇ ମୁଁ ହାତରେ ମୁଦି ଭଳି ରଖିଲି। ନିଷ୍ପତ୍ତି ନେଲି ମୁଦି ଡିଜାଇନ୍ ଗେଣ୍ଡୁ ଫୁଲ ଭଳି କରିବି ବୋଲି। ଏହି ମୁଦିର ବିଶେଷତ୍ୱ ହେଉଛି ଯେ, ମୁଦିର ପ୍ରତ୍ୟେକ ପାଖୁଡା ପରସ୍ପରଠାରୁ ଭିନ୍ନ। ତେବେ ଏହି ସୁନ୍ଦର ମୁଦି ବିକ୍ରି ପାଇଁ ଉଦ୍ଦିଷ୍ଟ ନୁହେଁ। କାରଣ ଏହା ଆମର ଭାବନା ସହ ଜଡିତ ହୋଇ ଅଛି।'

